# ଜ୍ଞାନାଞ୍ଜଳି

## Question Bank 2022-33 Std-IX

## (Short Stories and Poems)

# ଧୂଳିଆ ବାବା

## Extract-1

"ମହନ୍ତଙ୍କର ଧନଦୌଲତ ଅମାପ । ଗାଈ, ମଇଁଷି ପଲକୁ ପଲ । ଧାନ ଟଙ୍କାର ସୀମା ନାହିଁ । ଆୟ ଢ଼େର ।"

**ପ୍ରଶ୍ନ – ୧ : ଧୂଳିଆ ବାବା ଲୋକମାନଙ୍କ ଆଗରେ ସବୁଦିନେ କ'ଣ କହୁଥିଲେ ?**

**ଉତ୍ତର :** ଧୂଳିଆ ବାବା ସବୁଦିନେ ଚେଲାମାନଙ୍କ ଆଗରେ କହନ୍ତି ଯେ, ପୁରୀରେ ଯେଉଁ ଜଗନ୍ନାଥ ଦେଉଳ ଅଛି, ସେହି ମନ୍ଦିର ପ୍ରତିଷ୍ଠାକୁ ଅଯୋଧ୍ୟାରୁ ହଜାର ଆଠ ମୂର୍ତ୍ତି ମହନ୍ତ ଭୋଜି ଖାଇବାକୁ ଆସିଥିଲେ । ସେ ନିଜେ ମଧ୍ୟ ସେମାନଙ୍କ ସହିତ ଆସିଥିଲେ । ଚେଲାମାନଙ୍କ ଭକ୍ତି ଯୋଗୁଁ ସେ ସେଠାରେ ରହିଯାଇଛନ୍ତି । ଆଉ ଏ ମିଛୁଆ ଦେଶଟା ତାଙ୍କୁ ଭଲ ଲାଗୁନଥିଲା ହେଲେ ଚେଲାମାନଙ୍କ ଉପରେ କୃପା କରି ସେମାନଙ୍କ ଅନୁରୋଧ ରକ୍ଷା କରି ଏ ଦେଶରେ ରହିଯାଇଛନ୍ତି ।

**ପ୍ରଶ୍ନ – ୨ : ଧୂଳିଆ ବାବାଙ୍କ ପାଖକୁ ଅଜସ୍ର ଧନ ଦୌଲତ ଆସୁଥିଲା କିପରି ?**

**ଉତ୍ତର :** ଧୂଳିଆ ବାବାଙ୍କର ଧନ ଦୌଲତ ଅମାପ ଥିଲା । ଗାଈ, ମଇଁଷି ପଲକୁ ପଲ । ଟଙ୍କା ପଇସାର ଅଭାବ ନଥିଲା । ଆୟ ଖୁବ୍ ଢେର ଥିଲା । ଆୟ ମଧ୍ୟରୁ ଗୋଟିଏ ବିଶେଷ ଆୟ ଥିଲା ଯେ ଦେଶ ମଧ୍ୟରେ ମାଲି ମକଦ୍ଦମା ଉପସ୍ଥିତ ହେଲେ ମୁଦେଇ-ମୁଦାଲା ଦୁଇ ପକ୍ଷ ପ୍ରଭୁଙ୍କ ପାଖରେ ମନାସିଯା'ନ୍ତି । ମାମଲା ଡିଗ୍ରୀ ହେଲେ କିଏ କେତେ ଟଙ୍କା ଦେବ ପାଞ୍ଜିଆ ଲେଖି ରଖୁଥିଲା । ଯାହାର ମାମଲା ଡିଗ୍ରୀ ହୁଏ ଧୂଳିଆ ବାବା ଜଣେ ସାଧୁଙ୍କୁ ପଠାଇ ତା'ଠାରୁ ଟଙ୍କା ପଇସା ଅସୁଲ କରୁଥିଲେ ।

**ପ୍ରଶ୍ନ – ୩ : ଧୂଳିଆ ବାବାଙ୍କ ଭକ୍ତ ଆଉ ଚେଲାମାନେ କ'ଣ କରୁଥିଲେ ?**

**ଉତ୍ତର :** ଧୂଳିଆ ବାବାଙ୍କ ହାତରୁ ଗଞ୍ଜେଇ ଚିଲମ ଛୁଟଣ ନଥାଏ । ଆଖି ଯୋଡ଼ିକ ସାନ ସାନ ସିନ୍ଦୁର ବିନ୍ଦୁ ପରି ଲାଲ । ସବୁବେଳେ ମିଞ୍ଜି ମିଞ୍ଜି ପରି ଚାହାଁନ୍ତି । ତାଙ୍କ ଗଞ୍ଜେଇ ଚିଲମଟା ହାତେ ଲମ୍ବ । ଦଶ ପନ୍ଦର ଜଣ ଭକ୍ତ ଆଉ ଚେଲା ସବୁବେଳେ ତାଙ୍କୁ ବେଢ଼ି ବସିଥା'ନ୍ତି । ଗଞ୍ଜେଇ ଚିପା କାମ ପାଞ୍ଚ ଛ'ଜଣଙ୍କ ହାତରେ ଲାଗିଥାଏ । ମନ୍ଦିରରୁ ପ୍ରସାଦ ସେବା କରି ସାବ୍ ସବୁବେଳେ ଏମାନେ ମହନ୍ତଙ୍କ ପାଖରେ ହାଜର ହେଉଥିଲେ ।

**ପ୍ରଶ୍ନ – ୪ : ରାମ ସାଉ ପ୍ରଭୁଙ୍କଠାରେ କ'ଣ ମନାସିଥିଲା ?**

**ଉତ୍ତର :** ରାମ ସାଉ ଆଉ ଶାମ ସାଉ ଦୁଇ ଭାଇ ଥିଲେ । ଭାଇଭାଗ ବଣ୍ଟୁଆରା ପାଇଁ କଟକ ଅଦାଲତରେ ମକଦ୍ଦମା ଦାଏର କଲେ । ରାମ ସାଉ ପ୍ରଭୁଙ୍କଠାରେ ମନାସି ମାମଲା ଡିଗ୍ରୀ ହେଲେ କେତେ ଟଙ୍କା ଦେବ ପାଞ୍ଜିଆ ପାଖରେ ଲେଖି ଦେଇଗଲା । ଧୂଳିଆ ବାବାଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ଥିଲା ରାମ ସାଉର । ଅଖଣ୍ଡ ଭକ୍ତି, ସତେ ଯେପରି ଚଳନ୍ତି ଠାକୁର ।

## Extract-2

**ସେତେବେଳେ ମହନ୍ତ ଗଞ୍ଜେଇ ଟାଣୁଥିଲେ। ପାଟିରୁ ଭକ୍ ଭକ୍ ଧୂଆଁ ବାହାରକରି କଥାଟି ଚିପିଚିପି କହିଲେ ଏଥର ଚିଲମ ନିଆଁ କଥା କହିବ।**

**୧ "ଚିଲମ ନିଆଁ କଥା କହିବ" - ଏକଥା ଶୁଣି ଲୋକମାନଙ୍କ ପ୍ରତିକ୍ରିୟା କ'ଣ ଥିଲା ? ସେମାନଙ୍କ ଏପରି ପ୍ରତିକ୍ରିୟା କାହିଁକି ହୋଇଥିଲା ?**

ଉ : ମହନ୍ତ ଯେତେବେଳେ କହିଦେଲେ "ଆମେ ହୁକୁମ୍ କରିବୁ, ଏହି ଚିଲମ ନିଆଁ କହିବ।" ସେ କଥା ଶୁଣି ସେତେବେଳେ ଚେଲାମାନଙ୍କର ଆନନ୍ଦର ସୀମା ରହିଲା ନାହିଁ। କାରଣ ପୂର୍ବରୁ ଏପରି କଥା କେହି କହି ନଥିଲେ କି ଏପରି ଘଟଣା କେବେ ପୂର୍ବରୁ ଘଟି ନଥିଲା। ଚେଲାମାନଙ୍କର ଦୃଢ଼ ବିଶ୍ୱାସ ଥିଲା, ମହନ୍ତଙ୍କ ଆଜ୍ଞା ମେଣ୍ଟଣ ଅର୍ଥାତ୍ ଅନ୍ୟଥା ହେବାର ନୁହେଁ। ମହନ୍ତ କହିଛନ୍ତି। ଯେତେବେଳେ ଚିଲମ ନିଆଁ ନିଶ୍ଚୟ କଥା କହିବ।

**୨ ସେହି ଦିନ ମଧ୍ୟରେ କେଉଁ କଥା ହାଟ ହୋଇଯାଉଥିଲା ?**

ଉ : "ଚିଲିମ ନିଆଁ କଥା କହିବ" ମହନ୍ତଙ୍କ ପୂର୍ବରୁ ବାହାରିଥିବା ଏଇ କଥା ସେହି ଦିନକୁ ମଧ୍ୟରେ ଦେଶ ଯାକ ହାଟ ହୋଇଯାଇଥିଲା। ଥୋଡ଼ାଏ ଚେଲା କହିବୁଲୁଥିଲେ "ଧୂଳିଆ ବାବାଙ୍କୁ ପ୍ରଭୁଙ୍କର ସ୍ୱପ୍ନ ହୋଇଛି, ସେ ସିଦ୍ଧ ପୁରୁଷ ହୋଇଗଲେଣି, ତାଙ୍କ ଗଞ୍ଜେଇ ଚିଲମ କଥା କହିବା" ଆଉ ଥୋକେ ହେଲା ପ୍ରକାଶ କଲେ" ନାହିଁ, ନାହିଁ - ଚିଲମ ନୁହେଁ, ଚିଲମ ନିଆଁ କଥା କହୁଛନ୍ତି, ଦଶ ଜଣଙ୍କୁ ଆଜ୍ଞା ହେଲା, ସେ ନିଜେ ଶୁଣିକି ଆସିଛି।

**୩ "ଚିଲମ ନିଆଁ କଥା କହିବ"। ଏକଥା ଦେଶ ସାରା ପ୍ରଚରିତ ହେବା ପର ଦିନ ସକାଳୁ କ'ଣ ହୋଇଥିଲା ?**

ଉ : "ମହନ୍ତଙ୍କ ଚିଲମ ନିଆଁ କଥା କହିବ।" ଏ କଥା ସାରା ଦେଶରେ ପ୍ରଚରିତ ହେବା ପରଦିନ ସକାଳୁ ସଞ୍ଜଯାଏ ଶହ ଶହ ଲୋକଙ୍କ ଧାଡ଼ି ଲାଗିଗଲା। କାହାକୁ ବେମାର ଛାଡୁ ନାହିଁ, କାହାର ବଳଦ ହଜିଛି ମିଳୁ ନାହିଁ, କାହାର ମାମଲା ଦାଏର ଅଛି ଡିଗ୍ରୀ ହଉ। ଅନେକ ଅନକ ସ୍ତ୍ରୀଲୋକ ପା' ପୂଜା ପଠାଇଛନ୍ତି, ସେମାନଙ୍କର ପୁଅ ହେଉ ନାହିଁ, ଚିଲମ ପ୍ରଭୁ ବର ଦେଉନ୍ତୁ। ଏହିପରି ଲୋକେ ପାଦ ପୂଜା ପାଇଁ ଟଙ୍କା ଅଧୁଲି ସୁଳା ମହନ୍ତଙ୍କ ପାଦତଳେ ଦେଇ ଅଧିଆ ପଡ଼ିଥିଲେ।

**୪ କେବେ କିପରି ବର ମିଳିବ ବୋଲି ଧୂଳିଆବାବା ଲୋକମାନଙ୍କୁ କହିଥିଲେ ?**

ଉ : ଚିଲମ ପ୍ରଭୁଙ୍କଠାରୁ ବର ପାଇବା ଆଶାରେ ଲୋକମାନେ ମହନ୍ତ ମହାରାଜାଙ୍କ ନିକଟରେ ଶହ ଶହ ପହଞ୍ଚିବାରୁ, ମହନ୍ତ ମହାରାଜା ଆଜ୍ଞା କଲେ, "ଉଠ ଉଠ ବାବା ମାନେ"। ଆମେ କିଛି କରିବୁ ନାହିଁ। ଏହି ଯେ ଆମ୍ଭର ଗଞ୍ଜେଇ ଚିଲମରେ ଅଗ୍ନି ଦେଖୁଛ, ସେଥିରେ ଧୂନି ସ୍ଥାପନ ହେବ। ସେହି ଧୁନିରେ ଅଗ୍ନି ଦେବତା ବିଜେ କରିବେ; ସମସ୍ତଙ୍କର ଗୁହାରି ଶୁଣି ବର ଦେବେ। ଆସନ୍ତା ଅଗିରା ପୁନେଇଁ ଦିନ ଅଗ୍ନି ଦେବତା ସ୍ୱର୍ଗରୁ ବିଜେ ହୋଇ ପୃଥିବୀରେ ଭ୍ରମଣ କରିବେ। ଆମ୍ଭକୁ ସ୍ୱପ୍ନରେ ଆଜ୍ଞା କରିଛନ୍ତି, ଆମ୍ଭେ ଧୁନି ଥାପି ତାଙ୍କୁ ବିଜେ କରାଇ ରଖିବୁ। ଯାହାର ଯାହା ଗୁହାରି ଥିବ, ଜଣାଇଲେ ତତ୍‌କ୍ଷଣାତ୍ ବର ମିଳିଯିବ।"

# ଭଦ୍ରଲୋକ

## Extract-3

"ସେଇଠି ଫାଟକ ପାଖରେ ଠିଆ ହୁଅନ୍ତି ନାରଣ ମାଷ୍ଟ୍ରେ । କହନ୍ତି ଯା', ଏଥର ଚାଲି ଯା ।"

**ପ୍ରଶ୍ନ – ୧ : ଶୁଭଦା ବାପାଙ୍କର ଗେହ୍ଲା ଝିଅ ବୋଲି କିପରି ବର୍ଣ୍ଣନା କରାଯାଇଛି ?**

**ଉତ୍ତର :** ଶୁଭଦା ବାପାଙ୍କର ଗେହ୍ଲା ଝିଅ । ଆଦର ସୋହାଗ ନ ମିଳିଲେ ସେ କାହାରି ବଶ ହେବା କଥା ନୁହେଁ । ବୋଉ ଯଦି ରାଗରେ ଗୋଟିଏ ମାଡ଼ ଦେଇଥିବ, ବାପା ଘରକୁ ଆସିବା ଯାଏଁ ଲହରେଇ ଲହରେଇ କୋହଟାକୁ ଲମ୍ବେଇ ରଖିଥିବା ଶୁଭଦା । ବାପାଙ୍କୁ ଦେଖିଲେ ଶୁଖିଯାଇଥିବା ଲୁହଧାର ପୁଣି ଥରେ ଝରଝର ହୋଇ ଝରିଯିବ । ବାପା ଥିରିକରି ପିଠି ଆଉଁସି ଦେଲେ ନିଆଁରେ ପାଣି ପଡ଼ିଲା ପରି ତା'ର କାନ୍ଦ ଦପ୍ କରି ବନ୍ଦ ହୋଇଯାଏ ।

**ପ୍ରଶ୍ନ – ୨ : ନାରଣ ମାଷ୍ଟ୍ରେ ଶୁଭଦାର ପିଲାମନକୁ କିପରି ବୁଝିଥିଲେ ?**

**ଉତ୍ତର :** ଶୁଭଦାର ଶୈଶବାବସ୍ଥା ଅତି ବିଚିତ୍ର । ବାପା ମା'ର ଗେହ୍ଲା ଝିଅ । ଶୁଭଦା ଏମିତି କାହାରି କଡ଼ା କଥା ପଦେ ସହେନି କିମ୍ବା କାହାରି ମନରେ ଦୁଃଖ ଦେବା କଥା ବରଦାସ୍ତ କରେନି । ରଙ୍ଗଣି ଫୁଲ ପରି ଲହୁଣୀ ମନଟିଏ ତା'ର । ଛୁଇଁଦେଲେ ଦାଗ ପଡ଼ିଯାଏ । ନାରଣ ମାଷ୍ଟ୍ରେ ସେକଥା ଭଲ ଭାବରେ ଜାଣିଥିଲେ ଯେ, ନାଲି ଆଖି ଦେଖାଇ ଶୁଭଦାଠାରୁ ପାଠ ଆଦାୟ କରିହେବ ନାହିଁ । ତେଣୁ ସେ ଶୁଭଦାର କଅଁଳିଆ ମନକୁ ବୁଝିପାରିଥିଲେ ।

**ପ୍ରଶ୍ନ – ୩ : ନାରଣ ମାଷ୍ଟ୍ରେ କାହିଁକି ବାଟ ବଳେଇ ଦେବା ପାଇଁ ଆସନ୍ତି ?**

**ଉତ୍ତର :** ଶୁଭଦା ତୁଚ୍ଛା ଡରକୁଳାଟିଏ । ଅଚିହ୍ନା ମଣିଷ, ଚିହ୍ନା ଗାଁ ରାସ୍ତା, କୁକୁର, ମାଙ୍କଡ଼, ମଶାଣି, ବିଲ, ନାଳ ଉପରେ କାଠ ପୋଲ, ଟାଇଁ ଟାଇଁ ଖରା ଆଉ ଝାମ୍ପୁଲା ଗଛତଳର ଅନ୍ଧାରିଆ ଛାଇ ସମସ୍ତେ ତାକୁ ଡରାନ୍ତି । ତେଣୁ ସକାଳୁଆ ସ୍କୁଲ ଛୁଟି ହେଲେ ତାକୁ ଡର ମାଡୁନଥିବା ରାସ୍ତାଯାଏ ବଳାଇ ଦେବା ପାଇଁ ନାରଣ ମାଷ୍ଟ୍ରେ କିଛି ବାଟ ତା' ସଙ୍ଗେ ଚାଲି ଚାଲି ଆସୁଥିଲେ । ନାରଣ ମାଷ୍ଟ୍ରେ ଖାଲି ପାଦରେ ତାତିଲା ବାଲି ଉପରେ ଡଗ ଡଗ ପାଦ ପକାଉ ପକାଉ କହୁଥିଲେ– ଚାଲ ନାଳ ବନ୍ଧରେ ଛାଡ଼ିଦେଇ ଆସିବି । କାଠ ପୋଲ ସେ ପଟେ ଗାଁର ଛୋଟ ବଜାରଟି ବୁଢ଼ୀମା'ର କୋଳ ପରି ନିର୍ଭୟ ଲାଗେ । ନାରଣ ମାଷ୍ଟ୍ରେ ହାତ ଧରି ଧରି ଦଦରା କାଠପୋଲ ପାରି କରେଇ ଦିଅନ୍ତି । ପୋଲ ପାରି ହେଲେ ଶୁଭଦା କହେ–ମାଷ୍ଟ୍ରେ ! ମୁଁ ଏଥର ଚାଲିଯିବି ।

**ପ୍ରଶ୍ନ – ୪ : ନାରଣ ମାଷ୍ଟ୍ରେ ଫାଟକ ପାଖରେ ଛିଡ଼ା ହେଲାବେଳେ ଶୁଭଦା କ'ଣ ଭାବେ ?**

**ଉତ୍ତର :** ଫାଟକ ପାଖରୁ ଘର ପର୍ଯ୍ୟନ୍ତ ସଳଖ ରାସ୍ତାରେ ଶୁଭଦା ଗୋଟିଏ ଗୋଟିଏ ଚାଲେ । ତା'ର ଇଚ୍ଛା ହୁଏ ସେ ମାଷ୍ଟ୍ରଙ୍କୁ ଘର ପର୍ଯ୍ୟନ୍ତ ଡାକନ୍ତା ଆଉ ତା' ବୋଉ ମାଷ୍ଟ୍ରଙ୍କୁ ଦହି ସରବତ ଦିଅନ୍ତା । ନହେଲେ ବାଧ କରି ଖାଇବାକୁ ଦେଇ ଛାଡ଼ନ୍ତା । କିନ୍ତୁ ସେ ଭଲଭାବରେ ଜାଣେ ନାରଣ ମାଷ୍ଟ୍ରେ ଗାଧୋଇବେ, ଠାକୁର ପୂଜା କରିବେ ଓ ତେବେ ଯାଇ

ଖାଇବେ । ସକାଳୁ ଅଗାଧୁଆରେ, ଚା', ପାନ ଛଡ଼ା ସେ ଆଉ କିଛି ଖାଆନ୍ତି ନାହିଁ । ଶୁଭଦା ଘରେ ପଶିବା ଯାଏ ନାରଣ ମାଷ୍ଟ୍ରେ ଅଗାଧୁଆ, ଅଖିଆ ତା' ପାଇଁ ପ୍ରତିଦିନ ଖରାରେ ଏତୋଟ ଚାଲନ୍ତି କେଉଁ ଆଶାରେ ?

# Extract-4

"ଅକର୍ମଣ୍ୟ ହେବାରୁ ତୋର ସାହାଯ୍ୟ ଲୋଡ଼ିଲି । କିଛି ଖରାପ ଭାବିବୁ ନାହିଁ । – ଇତି ମାଷ୍ଟ୍ରେ ।"

**ପ୍ରଶ୍ନ – ୧ : "ଏହି ଗଳ୍ପରେ ଶୁଭଦାଙ୍କ ଭଦ୍ରଲୋକ କିଏ ?**

**ଉତ୍ତର :** ଏହି ଗଳ୍ପରେ ଭଦ୍ରଲୋକ ଜଣକ ଶୁଭଦାଙ୍କ ପିଲାଦିନର ମାଷ୍ଟ୍ରେ ଥିଲେ । ସ୍କୁଲ ରେଜିଷ୍ଟରରେ ନାଁ ଲେଖା ହେଲାବେଳେ ଶୁଭଲକ୍ଷ୍ମୀ ପରିବର୍ତ୍ତେ ଶୁଭଦା ଲେଖିଥିଲେ ନାରଣ ମାଷ୍ଟ୍ରେ । ଚତୁର୍ଦ୍ଧା ମୂର୍ତ୍ତି ଭଳି ନିଦାପିଟା ଶ୍ୟାମଳ ବିଶାଳ ମୂର୍ତ୍ତିଟିଏ । ଗୋଲ୍ ମୁଣ୍ଡ, ଚଟା ହୋଇ ମୁହଁ, ବଡ଼ ବଡ଼ ଗଭୀର ଆଖି, ପୃଥୁଳ ଉଦର, ଖୁମ୍ବ ଭଳି ମଜଭୁତ ଗୋଡ଼, ହାତ । କବାଟ ଭଳି ଚଉଡ଼ା ଜବର ପିଠି, ଖଇର ବୋଳାରେ ନାଲି ପଡ଼ିଥିବା ପାନ ଖିଆ ଓଠ । ସବୁତକ ଏକାଠି ମିଶାଇ ଦେଲେ ସେ ହେବେ ନାରଣ ମାଷ୍ଟ୍ରେ ଯିଏ ଗଳ୍ପର ଭଦ୍ରଲୋକ ।

**ପ୍ରଶ୍ନ – ୨ : ନାରଣ ମାଷ୍ଟ୍ରେ ଶୁଭଦାଙ୍କୁ ପିଲାଦିନେ କିପରି ସ୍ନେହ କରୁଥିଲେ ?**

**ଉତ୍ତର :** ନାରଣ ମାଷ୍ଟ୍ରେ ପଦ୍ମାସନ ପକାଇଲା ଭଳି ଚଉଡ଼ା ଚକା ପାରି ବସନ୍ତି । ପାଖିକିଆ କରି ବାଁ ଜଙ୍ଘ ଉପରେ ସେ ଶୁଭଦାଙ୍କୁ ବସାଇ ପାଠ ପଢ଼ାଇବା ଆରମ୍ଭ କରିଥିଲେ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଲେଖି ଅକ୍ଷର ଶିଖାଇଥିଲେ । କାହାଣୀ କହୁ କହୁ, ଗେଲ କରୁ କରୁ, କୁତୁ କୁତୁ କରି ହସାଇ ହସାଇ ତାକୁ ସ୍ନେହକରି ପଢ଼ାଉଥିଲେ । ବେତ ବାଡ଼ିର ଆଦୌ ଆବଶ୍ୟକ ପଡ଼େ ନାହିଁ ।

**ପ୍ରଶ୍ନ – ୩ : ନାରଣ ମାଷ୍ଟ୍ରେ ଶୁଭଦାଙ୍କ ପାଖକୁ କାହିଁକି ଆସିଥିଲେ ?**

**ଉତ୍ତର :** ସେଦିନ ନାରଣ ମାଷ୍ଟ୍ରେ ଶୁଭଦା ପାଖକୁ ଅତି ଜରୁରୀ କାମରେ ଆସିଥିଲେ । ପୁଅ ତାଙ୍କର ଆଇ.ଏ. ଫେଲ୍ ହୋଇ ପାଠରେ ଡୋରି ବାନ୍ଧି ସମ୍ପୂର୍ଣ୍ଣ ବେକାର ହୋଇ ଘରେ ବସିଥିଲା । ତେଣୁ ତା' ପାଇଁ କିଛି ଆର୍ଥିକ ସାହାଯ୍ୟ ଆଶାରେ ନାରଣ ମାଷ୍ଟ୍ରେ ଶୁଭଦାଙ୍କ ପାଖକୁ ସେଦିନ ଆସିଥିଲେ । ଥରେ ନୁହେଁ ଚାରି ଚାରି ଥର । ଥରେ ଗାଁରୁ ଭୁବନେଶ୍ୱର ଆସିଲେ ପନ୍ଦର ଟଙ୍କା ଖର୍ଚ୍ଚ ବୋଲି ନାରଣ ମାଷ୍ଟ୍ରେ ଦୁଃଖ ପ୍ରକାଶ କରିଅଛନ୍ତି । ଅକର୍ମଣ୍ୟ ହେବାରୁ ଶୁଭଦାଙ୍କ ସାହାଯ୍ୟ ଲୋଡ଼ିଛନ୍ତି ବୋଲି ପ୍ରକାଶ କରିଛନ୍ତି ଚିଠିରେ ।

**ପ୍ରଶ୍ନ – ୪ : ଶୁଭଦା ଭବିଷ୍ୟତରେ କ'ଣ ହେବେ ବୋଲି ନାରଣ ମାଷ୍ଟ୍ରେ କହିଥିଲେ ?**

**ଉତ୍ତର :** ସ୍କୁଲ ନାଁ ଲେଖା ରେଜିଷ୍ଟରରେ ଶୁଭଲକ୍ଷ୍ମୀ ପରିବର୍ତ୍ତେ 'ଶୁଭଦା' ଲେଖିଥିଲେ ନାରଣ ମାଷ୍ଟ୍ରେ । କହିଥିଲେ ଆମର ତିନି ଠାକୁର । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା । ତିନି ଅକ୍ଷର ଶୁଭ । ଶୁଭଦା ଆମର ଖାଲି ଲକ୍ଷ୍ମୀ ହେବ ନାହିଁ, ସରସ୍ୱତୀ ବି ହେବ । ଆମ ଅଞ୍ଚଳର ନାମ ରଖିବ ଏବଂ ସମସ୍ତଙ୍କ ପାଇଁ ଶୁଭଦାୟିନୀ ହେବ । ବାପା ମଧ ଏଥିରେ ଖୁସି ହୋଇଥିଲେ । ସେହି ଦିନୁ ହେଲା 'ଶୁଭଲକ୍ଷ୍ମୀ' ପରିବର୍ତ୍ତେ 'ଶୁଭଦା' ।

# ଶିକାର

## Extract-5

ବାଘ ଭାଲୁଙ୍କ ଅପେକ୍ଷା ଲୋକେ ତାକୁ ବେଶୀ ଭୟ କରନ୍ତି । ବାଘ-ଭାଲୁଙ୍କ ଅପେକ୍ଷା ସେ ଲୋକଙ୍କର କ୍ଷତି କରେ ଢ଼େର୍ ବେଶୀ ।

**କ ଏଠାରେ କାହା ବିଷୟରେ କୁହାଯାଇଛି ?**

**ଉତ୍ତର :** ଏଠାରେ ଗୋବିନ୍ଦ ସରଦାର କଥା କୁହାଯାଇଛି, ସେ ଅତି ଅତ୍ୟାଚାରୀ ଲୋକ ଥିଲା । ତେଣୁ ଲୋକେ ତାକୁ ଡରନ୍ତି ।

**ଖ ଲୋକେ ବାଘ-ଭାଲୁଙ୍କ ଅପେକ୍ଷା ମଣିଷକୁ ଅଧିକ ଡରନ୍ତି କାହିଁକି ?**

**ଉତ୍ତର :** ଭାଲୁ ହେଉ କି ବାଘ ସେମାନେ ନିଜ ଆତ୍ମରକ୍ଷା କିମ୍ବା ଖାଦ୍ୟ ପାଇଁ ଆକ୍ରମଣ କରି ଶିକାର କରନ୍ତି । ମଣିଷ ସାହସ ଓ ଚେଷ୍ଟା ବଳରେ ତାଙ୍କ ଠାରୁ ନିଜକୁ ସୁରକ୍ଷିତ ରଖି ପାରିବ । କିନ୍ତୁ ମଣିଷ ନିଜର ଲୋଭ ଓ ହିଂସା ଏବଂ ମନ୍ଦବୁଦ୍ଧି ଲାଗି ଅନ୍ୟର କ୍ଷତି କରେ । ତେଣୁ ଲୋକେ ବାଘ-ଭାଲୁଙ୍କ ଅପେକ୍ଷା ମଣିଷକୁ ଅଧିକ ଡରନ୍ତି ।

**ଗ ସେ ଘିନୁଆର କି କ୍ଷତି କରିଥିଲା ?**

**ଉତ୍ତର :** ଏଠାରେ ଗୋବିନ୍ଦ ସରଦାର ଉଦ୍ଦେଶ୍ୟରେ କୁହାଯାଇଛି । ଗୋବିନ୍ଦ ଲୋକଙ୍କୁ ଲୁଟୁ ଥିଲା, ଶୋଷଣ କରୁଥିଲା । ସେ ଘିନୁଆର ଘର ଦ୍ୱାର, ଜମିବାଡ଼ି ଲୁଟି ନେଇଥିଲା । ଏପରିକି ତା' ସ୍ତ୍ରୀ ପ୍ରତି ଅସଦ୍ ବ୍ୟବହାର କରିବାର ଚେଷ୍ଟା କରିଥିଲା । ସେଥିପାଇଁ ଘିନୁଆ ତାକୁ ମାରି ଦେଲା ।

**ଘ ଘିନୁଆ ତାକୁ କିପରି ମାରିଲା ?**

**ଉତ୍ତର :** ଗୋବିନ୍ଦ ଘିନୁଆର ସ୍ତ୍ରୀ ପ୍ରତି ନଜର ଦେବାକୁ ଘିନୁଆ ତାକୁ ମାରିବାକୁ ଚେଷ୍ଟା କଲା । ଘିନୁଆକୁ ଦେଖି ଗୋବିନ୍ଦ ଖସି ଯିବାକୁ ଚେଷ୍ଟା କରୁଥିଲା । ଗୋବିନ୍ଦ ମଟରରେ ଥିଲେ ବି ଘିନୁଆ ତୀର ମାରି ତାର ଗାଡ଼ିର ଚକା ଅଚଳ କରି ଦେଲା । ତା'ପରେ ଟାଙ୍ଗିଆ ଚୋଟରେ ତାର ମୁଣ୍ଡ ଗଣ୍ଡି ଅଲଗା କରିଦେଲା ।

# Extract-6

ସରକାର ଘରର କେତେ ଫନ୍ଦି ଫିକର, କାଇଦା କଟକଣା ଅଛି । ଖାଲି ସେମିତି କ'ଣ ବକ୍‌ସିସ୍ ଦିଆଯିବ ? ସେ ଘରକୁ ଫେରି ସବୁ ଦେଖାଇବ । କି ଖୁସି ହେବ ସ୍ତ୍ରୀ ତା'ର ସେ ସବୁ ଦେଖି !

**କ ସରକାର ଘରର କାଇଦା କଥା ଘିନୁଆ କାହିଁକି ଭାବିଲା ?**

ଉତ୍ତର : ଶିକାର ଭେଟି ଦେବା ମାତ୍ରେ ଡେପୁଟି କମିଶନର ଘିନୁଆକୁ ବକ୍‌ସିସ୍ ଦେଉଥିଲେ । ଏହି ସାହେବଙ୍କ ବ୍ୟତୀତ ଘିନୁଆ ଆଉ କୌଣସି ହାକିମଙ୍କୁ ଜାଣି ନଥିଲା । ଏଥର ତାକୁ ଏଯାଏଁ ପୁରସ୍କାର ତ ମିଳିନି, ପୁଣି ସରକାରୀ ଘରେ ବନ୍ଦୀକରି ରଖାଯାଇଛି । ସେଥିପାଇଁ ଘିନୁଆ ଏସବୁକୁ ସରକାର ଘରର କାଇଦା ବୋଲି ଭାବିଲା ।

**ଖ ତାକୁ କି ବକ୍‌ସିସ୍ ମିଳିବ ବୋଲି ସେ କଳ୍ପନା କରୁଥିଲା ?**

ଉତ୍ତର : ମେଳିଆ ଝପଟ ସିଂକୁ ମାରି ଡୋରା ପାଞ୍ଚ ଶହ ଟଙ୍କା ପୁରସ୍କାର ପାଇଥିଲା । ଗୋବିନ୍ଦ ସରଦାର ଝପଟ ସିଂ ଠାରୁ ବହୁ ଗୁଣରେ ଭୟଙ୍କର । ତେଣୁ ଘିନୁଆ ଭାବୁଥିଲା ତାକୁ ଅଧିକ ବକ୍‌ସିସ୍ ମିଳିବ । ତା ମୁଣ୍ଡରେ କଳାକନାର ଖୋଳ ପିନ୍ଧାଇ ଦେଇ ତା ହାତରେ ସୁନାରୁପା ଢାଳି ଦିଆଯିବ । ସରକାର ଘରର କେତେ ଫନ୍ଦି ଫିକର କାଇଦା କଟକଣା ଘିନୁଆ ଜାଣି ନଥିଲା ।

**ଗ ଭବିଷ୍ୟତ ବିଷୟରେ ସେ କ'ଣ ସବୁ ଭାବୁଥିଲା ?**

ଉତ୍ତର : ଘିନୁଆ ଜେଲ୍‌ର ଅନ୍ଧାରୁଆ ଗୁମ୍ଫାରେ ବସି ଭବିଷ୍ୟତର ଚିନ୍ତା କରୁଥିଲା । ଭାବୁଥିଲା ବକ୍‌ସିସ୍ ପାଇ ସେ ଶୀଘ୍ର ଘରକୁ ଯିବ । ତା ସ୍ତ୍ରୀକୁ ସବୁ ଚିଜ ଦେଖାଇବ । ସେ ଭାରି ଖୁସି ହେବ । ଭଲ ଘରଦ୍ୱାର କରି ଜମିବାଡ଼ି ଚଷି ସେ ସୁଖରେ ଘର ସଂସାର କରି ରହିବ ।

**ଘ ବାସ୍ତବରେ କ'ଣ ହେଲା ?**

ଉତ୍ତର : ଘିନୁଆର ସ୍ୱପ୍ନ ଓ ତା' ଜୀବନର ବାସ୍ତବତାରେ ଆକାଶ ପାତାଳ ପ୍ରଭେଦ ରହିଗଲା । ସରକାରୀ ଆଇନ୍‌ରେ ଗୋବିନ୍ଦକୁ ମାରି ଘିନୁଆ ଅପରାଧୀ ହୋଇଛି । ତେଣୁ ହତ୍ୟାକାରୀର ବିଚାରରେ ସେ ପ୍ରାଣଦଣ୍ଡ ପାଇଲା । ଏହି ଦଣ୍ଡର ଅର୍ଥ ସେ ବୁଝିବା ଆଗରୁ ତାକୁ ଫାଶୀ ହୋଇଗଲା ।

# କୃପାଣ

## Extract-7

ପଲ୍‌ଟୁକୁ ତା' ପରେ ଅନେକ ଖେଳ ସରଞ୍ଜାମ ଯୋଗାଇ ଦିଆଯାଇଥିଲା ତଥା ଛବି ବହିଟିଏ ଚିରିବାର ସ୍ୱାଧୀନତା ଦିଆଯାଇଥିଲା, କିନ୍ତୁ ତା' ମନ ଲାଗୁ ନଥିଲା । ସେତିକି ସମୟ ଦୁର୍ଲଭ ବାପାଟି ସହ ଖେଳିବାରେ କେତେ ମଜା ଥାଏ ।

**କ ପଲ୍‌ଟୁକୁ କାହାପରେ ଖେଳ ଜିନିଷ ଯୋଗାଇ ଦିଆଗଲା ?**

**ଉତ୍ତର :** ପଲ୍‌ଟୁର ବାପା ସୁକୁମାର ନାଟକ ଅଭ୍ୟାସ ପାଇଁ ଚାଲିଗଲା ବେଳେ ପଲ୍‌ଟୁ ବାପା ସାଙ୍ଗରେ ଖେଳିବ ନହେଲେ ତା' ସହିତ ଯିବ ବୋଲି ଜିଦି କରି କାନ୍ଦିଲା । ତାକୁ ଶାନ୍ତକରି ଦେବା ପାଇଁ ଅନେକ ଖେଳ ଜିନିଷ ଦିଆଗଲା । ଏମିତିକି ଛବି ବହିଟିଏ ଚିରିଦେଲେ ବି ତାକୁ କେହି ଗାଳି ଦେଲେ ନାହିଁ ।

**ଖ ତା' ମନ କାହିଁକି ଲାଗୁନଥିଲା ?**

**ଉତ୍ତର :** ପଲ୍‌ଟୁ ତା ବାପା ସାଙ୍ଗରେ ରହିବାକୁ ଭଲ ପାଏ । ସେ ଜାଣିଥିଲା ଯେ ସୁକୁମାର ପରଦିନ ସହରକୁ ଫେରିଯିବ । ତେଣୁ ସେ ବାପାକୁ ଛାଡ଼ି ରହିବାକୁ ଇଚ୍ଛା କରୁନଥିଲା ।

**ଗ ତା'ର ଅନ୍ୟ ସାଙ୍ଗମାନଙ୍କ ନାମ କ'ଣ ? ପଲ୍‌ଟୁ ସେମାନଙ୍କ ଅପେକ୍ଷା ବାପା ସହିତ ଖେଳିବାକୁ କାହିଁକି ବେଶୀ ଭଲପାଏ ?**

ଉତ୍ତର : ପଲ୍‌ଟୁର ସାଙ୍ଗମାନେ ହେଲେ ଜ୍ୟାକ, ପେଟ୍ଟୁ, କୁମ୍ କୁମ୍ ଇତ୍ୟାଦି । ସେମାନେ ବି ପଲ୍‌ଟୁ ଭଳି ସାନ ପିଲା । ତେଣୁ ଖେଳିବାବେଳେ ସମସ୍ତେ ସମାନ । ମାତ୍ର ଘରେ ପଲ୍‌ଟୁ ତା' ବାପା ସାଙ୍ଗରେ ଖେଳିବା ବେଳେ ସେ ଯାହା କହେ ତାହା ହିଁ ହୁଏ, ଯାହା ସାଙ୍ଗମାନଙ୍କ ସହିତ ହୁଏ ନାହିଁ । ତେଣୁ ସେ ସାଙ୍ଗମାନଙ୍କ ଅପେକ୍ଷା ବାପା ସହିତ ଖେଳିବାକୁ ବେଶୀ ଭଲ ପାଏ ।

**ଘ ବୋଉ ସେଦିନ ପଲ୍‌ଟୁକୁ କିପରି ସଜାଇଦେଲେ ?**

ଉତ୍ତର : ବୋଉ ପଲ୍‌ଟୁକୁ ନେଇ ନାଟକ ଦେଖି ଯିବାକୁ ସଜ କରି ଦେଲେ । ତା' ମୁହଁ ହାତ ଧୋଇ ପୋଛି ପାଉଡ଼ର ଲଗାଇ ଦେଲେ । ଚକ୍‌ଚକିଆ ପ୍ୟାଣ୍ଟ ଓ ଠେକୁଆ ବ୍ୟାଡ଼ମିଣ୍ଟନ୍ ଖେଳୁଥିବା ସାର୍ଟ ପିନ୍ଧାଇ, ନିଜେ ଭଲରେ ବେଶ ହୋଇଗଲେ ନାଟକ ଦେଖିବାକୁ ।

**Extract-8**

ସେଠି ଦେଖାଦେବ ତା'ର ଅତି ଆପଣାର ବାପା, ସେକଥା ହୃଦୟଙ୍ଗମ କରି ପଲ୍‌ଟୁ ଚମତ୍କୃତ ଦେଖାଗଲା ।

''ବାପା ବାହାରିଲେ ମୁଁ ଡାକିବି ।''

''ଛିଃ, ପାଟି ଫିଟାଇବୁ ନାହିଁ ।'' କହିଲା ବୋଉ । ଏଭଳି ପରାମର୍ଶ ପଲ୍‌ଟୁକୁ ଅର୍ଥହୀନ ମନେହେଲା ।

**କ ତା' ବାପା କେଉଁଠାରୁ ବାହାରିବ ବୋଲି ପଲ୍‌ଟୁ ଜାଣିଲା ?**

**ଉତ୍ତର :** ପ୍ରେକ୍ଷାଳୟରେ ବୋଉ ପାଖରେ ପଲ୍‌ଟୁ ବସି ତା ପାଖ ସିଟ୍ ସୁକୁମାର ପାଇଁ ରଖିଥିଲା । ଆଉ ଜଣେ ମହିଳା ସେଠାରେ ବସିବାରୁ ପଲ୍‌ଟୁ ବାଧା ଦେଲା । ସେତେବେଳେ ତା' ବୋଉ ରଙ୍ଗମଞ୍ଚ ଆଡ଼କୁ ଠାରି ଦେଇ ତା'ବାପା ସେଠି ବାହାରିବେ ବୋଲି ଜଣାଇଲେ । ପଲ୍‌ଟୁକୁ ଆଶ୍ଚର୍ଯ୍ୟ ଲାଗିଲା, ମଜା ବି ଲାଗିଲା ।

**ଖ ବୋଉ ତାକୁ କି ପରାମର୍ଶ ଦେଲେ ? କାହିଁକି ?**

**ଉତ୍ତର :** ପଲ୍‌ଟୁ କହିଲା ବାପା ରଙ୍ଗମଞ୍ଚରେ ବାହାରିଲେ ସେ ଡାକିବ । ହୁଏତ ତାହା ଦ୍ୱାରା ତା ନିଜର ଗୁରୁତ୍ୱ ବଢ଼ିବ ବୋଲି ତାକୁ ଲାଗିଲା । ଆଗରୁ ତା'ର ନିଜର କେହି ସେଠାରେ ଅଭିନୟ କରୁଥିବା ସେ ଜାଣିନଥିଲା । ତା'ର ବାପାକୁ ଡାକିବାକୁ ଇଚ୍ଛା ଜାଣି ବୋଉ ଏପରି କରିବାକୁ ବାରଣ କଲେ ।

**ଗ ବୋଉ ତାକୁ କି ପରାମର୍ଶ ଦେଲେ ? କାହିଁକି ?**

**ଉତ୍ତର :** ନାଟକର ପ୍ରଥମ ଦୃଶ୍ୟ ଥିଲା ରାଣୀ କର୍ଣ୍ଣବତୀ ଶିଶୁ ଉଦୟକୁ ଧାଈ ପାନ୍ନା ଦାୟିତ୍ୱରେ ଦେଇ ସତୀ ହେବାକୁ ଚାଲିଗଲେ । ଏହି ଦୁଃଖଦ ପରିସ୍ଥିତି ଲାଗି ଧାଈ ପାନ୍ନା କାନ୍ଦି ପକାଇଲେ । ପଲ୍‌ଟୁ ଏସବୁ କିଛି ବୁଝୁନଥିଲା । ତେଣୁ ସେ ଧାଈର ଶୋକର କାରଣ ପଚାରିଲା ।

**ଘ ନାଟକର ଦୃଶ୍ୟଗୁଡ଼ିକ ତା' ପାଇଁ ଦୁର୍ବୋଧ ଥିଲା କାହିଁକି ?**

**ଉତ୍ତର :** ମିବାର ରାଜ ପରିବାରର ଏହି ଘଟଣା ପଲ୍‌ଟୁ ଜାଣିନଥିଲା କି ବୁଝିପାରୁ ନଥିଲା । ସେ କେବଳ ଅପେକ୍ଷା କରିଥିଲା ତା'ବାପାକୁ । ସେ ବାହାରୁ ନଥିଲେ । ତେଣୁ ଏହି ଦୁର୍ବୋଧ୍ୟ ଦୃଶ୍ୟଗୁଡ଼ିକ ତା'ପାଇଁ ବିରକ୍ତିକର ଥିଲା ।

# ମୁଖାଗ୍ନି

**Extract-9**

ଦୁହେଁ ଉଡ଼ି ବୁଲୁଥିଲେ ପ୍ରଜାପତି ପରି । ସ୍ୱର୍ଣ୍ଣପ୍ରଭା ସେ ଖୁସିକୁ ଉପଭୋଗ କରୁଥିଲେ ମନଭରି ।

ପ୍ରଃ (କ)ଏଠାରେ କେଉଁ ଦୁଇଜଣଙ୍କ ବିଷୟରେ କୁହାଯାଇଛି ?

ଉଃ ଏଠାରେ ଅନ୍ୱେଷ ଓ ତା'ର ସ୍ତ୍ରୀ ରୁଚି କଥା କୁହାଯାଇଛି । ଏ ଦୁହେଁ ସ୍ୱର୍ଣ୍ଣପ୍ରଭାର ପୁଅ ଓ ବୋହୂ । ଏମାନେ ଗୋଆ ଯାଇ ମନଖୁସିରେ ମଉଜ କରିବା ପାଇଁ ଚାହୁଁଥିଲେ ।

ପ୍ରଃ (ଖ)ରୁଚି ଅନ୍ୱେଷକୁ କ'ଣ ବୁଝାଉଥିଲା ?

ଉ: ଅନ୍ୱେଷକୁ ଟଙ୍କା ପଇସାର ମୋହ ଘାରିଲା । ତେଣୁ ସେ ଆମେରିକା ଯାଇ ଅଧିକ ରୋଜଗାର କରିବାକୁ ଚାହୁଁଥିଲା । ମାତ ରୁଚି ଅନ୍ୱେଷକୁ କହୁଥିଲା, ଏତେ ପଇସା ଆମର କ'ଣ ହେବ ? ପଇସା ଦରକାର ହେଲେ ମୁଁ ଚାକିରି କରି ରୋଜଗାର କରିପାରିବି ।

ପ୍ର: (ଗ)ଅନ୍ୱେଷ  ପାଖରେ ମଣିଷ ପଣିଆ ନଥିଲା କାହିଁକି ?

ଉ:ଅନ୍ୱେଷ ଅର୍ଥଲୋଭରେ ପାଗଳ ହୋଇଥିଲ । ଅଧିକ ରୋଜଗାର କରି ବିଳାସପୂର୍ଣ୍ଣ ଜୀବନଯାପନ କରିବାକୁ ସେ ଚାହୁଁଥିଲା । ସେ ମାଆର ବିଚାରଧାରା ଓ ଆଦର୍ଶକୁ ଖାତିର କରୁନଥିଲା । ମାଆ ତାକୁ ବାହାରକୁ ନଯିବାକୁ କହୁଥିଲେ ମଧ୍ୟ ସେ ଆପଣାର ଜିଦ୍‌ରେ ଅଟଳ ଥିଲା । ମଣିଷ ପଣିଆ ଅପେକ୍ଷା ଅର୍ଥ ତା'ର ଦରକାର । ତେଣୁ ମାଆ ବୁଝିଥିଲେ ଅନ୍ୱେଷ ପାଖରେ ମଣିଷପଣିଆ ନାହିଁ ।

ପ୍ର: (ଘ)ଅନ୍ୱେଷ ରାଗି ଯାଉଥିଲା କାହିଁକି ?

ଉ: ଅନ୍ୱେଷ ଆମେରିକା ଯିବାକୁ ପାଗଳ ପରି ହେଉଥିଲା । ଅଥଚ ମାଆ ସ୍ୱର୍ଣ୍ଣପ୍ରଭା ଓ ପତ୍ନୀ ରୁଚି ତାକୁ ସେଥିରୁ ବାରଣ କରୁଥିଲେ । ରୁଚି ନିଜେ ରୋଜଗାର କରି ଅନ୍ୱେଷର ହାତମୁଠାକୁ ଟାଣ କରିବାକୁ ପ୍ରତିଶ୍ରୁତି ଦେଉଥିଲା । ଗୋଟିଏ ଷ୍ଟାଣ୍ଡାର୍ଡ଼ ଲାଇଫ୍ ମେଣ୍ଟେନ କରିବାର, ସୁଯୋଗ ସେ ପାଇନାହିଁ । ଆମେରିକା ଗଲେ ସେ ନିଜର ସବୁ ସପ୍ନ ପୂରଣ କରିବ । କୋଟିପତି ହୋଇଫେରିବ । ଅଥଚ ଏମାନେ ତାକୁ ସେଥିରୁ ବାରଣ କରୁଛନ୍ତି । ତେଣୁ ଅନ୍ୱେଷ ରାଗିଯାଉଥିଲା ।

## Extract -10

ତାକୁ ମୁହୂର୍ତ୍ତେ ନ ଦେଖିଲେ ଦୁହେଁ ପାଗଳ ହୋଇଯାଉଥିଲେ । ଘର ଚଳେଇବା ପାଇଁ ଚାକିରି କରିଥିଲା ରୁଚି, ଆଦ୍ୟାକୁ ସମ୍ଭାଳୁଥିଲେ ସ୍ୱର୍ଣ୍ଣପ୍ରଭା ।

ପ୍ର: (କ)ଏଠାରେ କାହା କଥା କୁହାଯାଇଛି ? ତାକୁ କିଏ ପାଳୁଥିଲେ ?

ଉ: ଏଠାରେ ରୁଚିର ଝିଅ ଆଦ୍ୟାକୁ ସର୍ଣ୍ଣପ୍ରଭା ହିଁ ଲାଳନ ପାଳନ କରୁଥିଲେ । ତା'ର ମୁହଁକୁ ଚାହିଁ ଦୁହେଁ ଅନ୍ୱେଷକୁ ଭୁଲିଯିବାକୁ ଚେଷ୍ଟା କରୁଥିଲେ ।

ପ୍ର: (ଖ)ଅନ୍ୱେଷକୁ କେହି ଅଟକାଇ ନପାରିବାର କାରଣ କ'ଣ ?

ଉ:ଅନ୍ୱେଷ ପଇସା ପାଇଁ ଏକରକମ ପାଗଳ ହୋଇଯାଇଥିଲା । ନିଜର ସ୍ତ୍ରୀ ଓ ମାଆଙ୍କର କଥାକୁ ସେ ରଖୁନଥିଲା । ବରଂ ସବୁ ସମ୍ପର୍କର ସୂତ୍ରକୁ କାଟି ଦେଇ, ସେ ଆମେରିକା ଚାଲିଗଲା । ତା'ର ଅଧିକ ରୋଜଗାର କରିବାର ମୋହ ସ୍ନେହ ମମତା ବନ୍ଧନର ଡୋରି ଅଟକାଇ ପାରିନଥିଲା ।

ପ୍ର: (ଗ)ସର୍ଣ୍ଣପ୍ରଭା ରୁଚିକୁ ମୁହଁ ଦେଖାଇ ପାରୁନଥିଲେ କାହିଁକି ?

ଉ: ମାତ୍ର ତିନିମାସ ଘର ଛାଡ଼ିବା ପରେ ଅନ୍ୱେଷ ସମ୍ପୂର୍ଣ୍ଣ ବଦଳିଗଲା । ଗଲାବେଳେ ସେ କହିଥିଲା ସେଠାରେ ସେଟଲ ହେଲେ ରୁଚିକୁ ନେବ । କିନ୍ତୁ ସେଠାକୁ ଯାଇ ସେ ଗୋଟିଏ ଧନୀ ଆମେରିକୀୟ ଝିଅକୁ ବିବାହ କଲା । ରୁଚି ପାଇଁ ସାଧୀନତା ଡ଼ିଭୋର୍ସ ପେପର ପଠାଇ ଦେଲା । ସେ ଏତେ ଶୀଘ୍ର ରକ୍ତ ସମ୍ପର୍କକୁ ଭୁଲିଗଲା । ରୁଚିର ନଅମାସର ଗର୍ଭାବସ୍ଥାରେ ପୁଅର ଏହି କାର୍ଯ ଦେଖି ସର୍ଣ୍ଣପ୍ରଭା ରୁଚିକୁ ମୁହଁ ଦେଖାଇପାରୁନଥିଲେ ।

ପ୍ର: (ଘ)କେଉଁ ଘଟଣାଟି ପରିବାର ପାଇଁ ଅତ୍ୟନ୍ତ ଦୁଃଖଦ ଥିଲା ?

ଉ: ଏହା ଭିତରେ ଆଦ୍ୟା ଜନ୍ମ ନେଲା । ଆଦ୍ୟାକୁ ବର୍ଷେ ନ ପୁରୁଣୁ ତା'ର ଦେହ ଅସୁସ୍ଥ ହେଲା । ବର୍ଷାଦିନେ ତାକୁ କିପରି ଡ଼ାକ୍ତରଖାନାରୁ ନେବେ ଶାଶୁବୋହୁଙ୍କୁ ବୁଦ୍ଧିବାଟ ଦିଶିଲା ନାହିଁ । ପଡ଼ିଶା ଘରର ଗାଡ଼ିରେ ଆଦ୍ୟାକୁ ଧରି ଡ଼ାକ୍ତରଖାନା ଗଲାବେଳେ ବାଟରେ ଗଛଭାଙ୍ଗି ପଡ଼ି ରାସ୍ତା ବନ୍ଦ ହୋଇଗଲା । ଗାଡ଼ି ଆଉ ଆଗକୁ ଯାଇପାରିଲା ନାହିଁ । ତେଣୁ ଶାଶୁବୋହୁ ଦୁହେଁ

ମିଶି ଛୁଆଙ୍କୁ ଧରି ଆଣ୍ଠୁଏ ପାଣିରେ ପଶି ଡାକ୍ତରଖାନାକୁ ନେଲେ । ମାତ୍ର ଡ଼ାକ୍ତର ଆଦ୍ୟାଙ୍କୁ ମୃତ ବୋଲି ଘୋଷଣା କଲେ । ଗୋଟିଏ ପଟେ ପୁଅର ଅନ୍ୟତ୍ର ବିବାହ ଅନ୍ୟପଟେ ନାତୁଣୀର ମୃତ୍ୟୁ ହିଁ ପରିବାର ପାଇଁ ଦୁଃଖ ଆଣି ଦେଲା ।

## Extract -11

ସେ ଯେତିକି ଦୁଃଖୀ, ସ୍ୱର୍ଣ୍ଣପ୍ରଭା ତା'ଠୁ ଅଧିକ ଦୁଃଖୀ ଏକଥା ରୁଚି ବୁଝିପାରୁଥିଲେ । ତା'ବାପା ଯେତେ ଅଶାନ୍ତି ହେଲେ, ସ୍ୱର୍ଣ୍ଣପ୍ରଭା ଯେତେ ବିରକ୍ତ ହେଲେ ସେ କାହାରି କଥା ଶୁଣି ନଥିଲା ।

ପ୍ର: (କ) ରୁଚି କାହାରି କଥା ଶୁଣି ନଥିଲା କାହିଁକି ?

ଉ: ଅନ୍ୱେଷ ଆମେରିକାରେ ଜେନି ବୋଲି ଏକ ଖ୍ରୀଷ୍ଟିଆନ ଝିଅକୁ ବିବାହ କରିଥିଲା । ଆଉ ରୁଚିକୁ ଅନ୍ୟତ୍ର ବିବାହ କରିବାକୁ ପ୍ରସ୍ତାବ ଦେଇଥିଲା । ସ୍ୱର୍ଣ୍ଣପ୍ରଭା ମଧ୍ୟ ଚାହୁଁଥିଲେ ରୁଚି ଆଉଥରେ ବିବାହ କରୁ । ମାତ୍ର ରୁଚି ସ୍ୱର୍ଣ୍ଣପ୍ରଭାଙ୍କୁ ଛାଡ଼ି କେଉଁ ଆଡ଼େ ଯିବାକୁ ଚାହୁଁ ନଥିଲା । ଯିଏ ଯେତେ ଅଶାନ୍ତି ହେଲେ ମଧ୍ୟ ସେ କାହା କଥା ଶୁଣିନଥିଲା ।

ପ୍ର: (ଖ) ସ୍ୱର୍ଣ୍ଣପ୍ରଭା ବୋହୂର କିପରି ଯତ୍ନ ନେଉଥିଲେ ?

ଉ:ରୁଚି ଅଫିସରୁ ଫେରି ନିଜର ଭ୍ୟାନିଟି ଫୋପାଡ଼ି ଦେଇ ସୋଫାରେ ଗଡ଼ିପଡ଼େ । ବଡ଼ ପାଟିରେ ଶାଶୁଙ୍କୁ ପାଣି ମାଗେ । ସ୍ୱର୍ଣ୍ଣପ୍ରଭା ପାଣି ନେଇ ଆସିଲେ ସେ ହାତରେ ନନେଇ ନିଜର ମୁହଁ ଦେଖେଇ ଦିଏ । ସ୍ୱର୍ଣ୍ଣପ୍ରଭା ତାକୁ ପାଣି ପିଆଇ ଦିଅନ୍ତି । ପାଣି ପିଇବା ପରେ ଶାଶୁଙ୍କ କାନିରେ ରୁଚି ନିଜର ମୁହଁକୁ ପୋଛି ଦିଏ । ସ୍ୱର୍ଣ୍ଣପ୍ରଭା ତା'ମୁଣ୍ଡ ଆଉଁସି ଦିଅନ୍ତି । ଆଉ ତାକୁ ଛାତିରେ ଆଉଜେଇ ଦିଅନ୍ତି । ମଥାରେ ଚୁମା ଦିଅନ୍ତି ।

ପ୍ର: (ଗ)ରୁଚିର କି ପରିବର୍ତ୍ତନ ଦେଖାଦେଲା ?

ଉ:ନିଜର ଝିଅକୁ ଓ ସ୍ୱାମୀକୁ ହରାଇ ରୁଚି ଏକବାର ଅସହାୟ ହୋଇଯାଇଥିଲା । କିଛି ଦିନ ପରେ ରୁଚି ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଲା । ଘରର ଦାୟିତ୍ୱ ନେବା ସହିତ ଅଫିସ୍କୁ ଗଲା । ମୁଣ୍ଡ କୁଣ୍ଡାଇଲା, ପାଉଡ଼ର ଲଗାଇଲା । ଦିନେ ଘରେ ସାଇତି ରଖିଥିବା ଅନ୍ୱେଷର ସବୁ ଫଟୋକୁ ନେଇ ମ୍ୟୁନିସିପାଲଟି ଡ଼ଷ୍ଟବିନ୍‌ରେ ଫୋପାଡ଼ି ଦେଲା । ସେ ନିଜର ମୁହାଁରେ ସିନ୍ଦୁର ଲଗାଇଲା ନାହିଁ କି ହାତରେ କାଚ ପିନ୍ଧିଲା ନାହିଁ ।

ପ୍ର: (ଘ)ସ୍ୱର୍ଣ୍ଣପ୍ରଭା ରୁଚିର ବାପାଙ୍କୁ କେଉଁ ଖବର ଦେଇଥିଲେ ?

ଉ: କିଛିଦିନ ପରେ ରୁଚି ପୁନର୍ବାର ସ୍ୱାଭାବିକ ଅବସ୍ଥାକୁ ଫେରିଆସିଲା । ତେଣୁ ସ୍ୱର୍ଣ୍ଣପ୍ରଭା ସମୁଦି ପାଖକୁ ଖବର ଦେଲେ ସେ ଆସି ରୁଚିକୁ ସାଙ୍ଗରେ ନେଇଯାଆନ୍ତୁ । ତା'ର ଆଉଥରେ ବିବାହ କରାଇ ଦିଅନ୍ତୁ । ସେ ଖୁସି ରହିଲେ ସ୍ୱର୍ଣ୍ଣପ୍ରଭା ଖୁସିରେ ରହିବେ ବୋଲି ଭାବିଲେ । କାରଣ ଏତେ ଅଳ୍ପ ବୟସରୁ ସାରା ଜୀବନଟା ବଳି ପଡ଼ିବା ଅପେକ୍ଷା ରୁଚି ନୂଆ ସଂସାର କରିବା ଦରକାର ।

## Extract -12

ଧୀରେ ତାକୁ ଉଠେଇ ଆଣିଲେ । କାନିରେ ଧୂଳି ପୋଛି ଦେଲେ ଏବେ କେମିତି ଦେଖାଯାଉଥିବ ସେ ?

ପ୍ର: (କ)ଏହା କାହାର ଉକ୍ତି ? କିଏ କାହା କଥା ମନେ ପକାଇଛନ୍ତି ?

ଉ:ଏହା ସ୍ୱର୍ଣ୍ଣପ୍ରଭାଙ୍କର ଉକ୍ତି । ସେ ନିଜର ପୁଅ ଅନ୍ୱେଷ କଥା ମନେ ପକାଇଛନ୍ତି । ଆଲମାରୀ ତଳୁ ପାଇଥିବା ଗୋଟିଏ ଫଟୋକୁ ହାତରେ ଧରି ସ୍ୱର୍ଣ୍ଣପ୍ରଭା ଏମିତି କେତେ କ'ଣ ଭାବୁଥିଲେ

ପ୍ର: (ଖ) ଏବେ ସେ କେମିତି ଦେଖାଯାଉଥିବ ? – ଏପରି କହିବାର କାରଣ କ'ଣ ?

ଉ: ଏ ଭିତରେ ଅନ୍ବେଷ ଆମେରିକା ଯିବାର ବହୁତ ଦିନ ବିତିଗାଣି । ସର୍ଣ୍ଣପ୍ରଭାଙ୍କର ପରିବାରରେ ଅନେକ ଝଡ଼ ବହି ଯାଇ ଶାନ୍ତ ପଡ଼ିସାରିଥିଲା । ହେଲେ ହଠାତ୍ ଆଲମାରୀ ତଳୁ ଅନ୍ବେଷର ଗୋଟିଏ ଫଟୋ ପାଇ ମାଆର ମନରେ ଅନେକ ଚିତ୍ର ଭାସିଉଠିଲା । କାରଣ ତାଙ୍କ ପୁଅ ବିଦେଶରେ ରହୁଛି ଓ ବିଳାସପୂର୍ଣ୍ଣ ଜୀବନ ବିତାଉଛି । ତା'ର ଚେହେରାରେ ଅନେକ ପରିବର୍ତ୍ତନ ଆସି ସାରିଥିବ । ତେଣୁ ସର୍ଣ୍ଣପ୍ରଭା ଏହି କଥା କହିଲେ ।

ପ୍ର: (ଗ) ସର୍ଣ୍ଣପ୍ରଭା କାହାର ମୁଖାଗ୍ନିକୁ ଚାହୁଁଥିଲେ ଓ କାହିଁକି ?

ଉ: ନିଜର ପୁଅ ଅନ୍ବେଷକୁ ମନରୁ ଭୁଲିଯାଇଥିଲେ ସର୍ଣ୍ଣପ୍ରଭା । ସେ ରୁଚିକୁ ନିଜର ପୁଅ ବୋଲି ଭାବି ନେଇଥିଲେ । ମାଆ ମଲେ ମୁଖାଗ୍ନି ଦେବାର ଅଧିକାର ରୁଚିକୁ ହିଁ ସେ ଦେଇଛନ୍ତି । କାରଣ ଖାଲି ଜନ୍ମ କରି ଦେଲେ କିଏ ପୁଅ ହୋଇଯାଏ ନାହିଁ । କିଛି ପୁଅର କର୍ତ୍ତବ୍ୟ କରିବା ଉଚିତ । ଯେହେତୁ ଅନ୍ବେଷ ସେହି କର୍ତ୍ତବ କରିନଥିଲା । ତେଣୁ ମାଆ ସର୍ଣ୍ଣପ୍ରଭା ରୁଚିର ମୁଖାଗ୍ନିକୁ ଚାହିଁଥିଲେ । କାରଣ ସେ ବୋହୁ ହୋଇ ମଧ୍ୟ ପୁଅର କର୍ତ୍ତବ୍ୟ କରିଥିଲା ।

ପ୍ର: (ଘ) ସର୍ଣ୍ଣପ୍ରଭା ଠାକୁରଙ୍କ ପାଖରେ କ'ଣ ଭାବି ମୁଣ୍ଡିଆ ମାରୁଥିଲେ ?

ଉ: ଆପଣାର ସାମାନ୍ୟ ସୁଖ ପାଇଁ ପୁଅ ଅନ୍ବେଷ କର୍ତ୍ତବ୍ୟ ଭୁଲି ମାଆ ଓ ସ୍ତ୍ରୀଙ୍କୁ ପର କରିଦେଲା । ଏପରିକି ସେ ରକ୍ତର ସମ୍ପର୍କକୁ ସମ୍ପୂର୍ଣ୍ଣ ଭୁଲିଗଲା । ସର୍ଣ୍ଣପ୍ରଭା ଏହି ଦୁଃଖରେ ମ୍ରିୟମାଣ ହୋଇ ଅନ୍ବେଷର ଏକମାତ୍ର ଫଯେଶକୁ ଚିରି ବାହାରକୁ ଫୋପାଡ଼ି ଦେଇଥିଲେ । ରୁଚି ମଧ୍ୟ ଶାଶୁଙ୍କ ବେକରେ ହାତଛନ୍ଦି ଛାତିରେ ମୁଣ୍ଡଗୁଞ୍ଜି ଦେଇଥିଲା । ସତେ ଯେପରି ବହୁ ଦିନରୁ ନ ଦେଖିଥିବା ପୁଅକୁ ନିବିଡ଼ ଭାବରେ ଆଲିଙ୍ଗନ କଲା ପରି ଶାଶୁ ସର୍ଣ୍ଣପ୍ରଭା ରୁଚିକୁ କୁଣ୍ଢେଇ

ଧରିଥିଲେ । ଏମିତି ଏକ ଭଲ ମୁହୂର୍ତ୍ତରେ ଯେପରି ଆଉ କେହି ଆସି ବାଧା ସୃଷ୍ଟି ନକରୁ, ସେହି କଥା ଜଣାଇ ସ୍ୱର୍ଣ୍ଣପ୍ରଭା ଠାକୁରଙ୍କୁ ମୁଣ୍ଡିଆ ମାରିଥିଲେ ।

## ନୟନପୁର ଏକ୍ସପ୍ରେସ

## Extract -13

ହିଂସ୍ର ଆନନ୍ଦରେ ନରେନ୍ଦ୍ରର କ୍ଲାନ୍ତ, ଅବଶ ପାଦ ଦୁଇଟା ସତେଜ ଓ ଚଞ୍ଚଳ ହୋଇଉଠିଲା ।

ପ୍ର: (କ) ନରେନ୍ଦ୍ରର ପରିଚୟ ପ୍ରଦାନ କର ।

ଉ: ନରେନ୍ଦ୍ର ଜଣେ ବିପ୍ଳବୀ ଯୁବକ । ସେ ନକସଲବାଦକୁ ବିଶ୍ୱାସ କରେ । ସରକାରଙ୍କୁ ପ୍ରତିବାଦ କରେ ।

ପ୍ର: (ଖ) ନରେନ୍ଦ୍ର ଆନନ୍ଦିତ ହେଉଥିଲା କାହିଁକି ?

ଉ: ଗୋଟିଏ ଯାତ୍ରୀବାହୀ ଟ୍ରେନକୁ ଲାଇନଚ୍ୟୁତ କରିବାର ଭାର ଦିଆଯାଇଥିଲା ନରେନ୍ଦ୍ରକୁ ରେଲଲାଇନ୍‌ରୁ ଫିସପ୍ଲେଟଟିକୁ କାଢ଼ି ଦୁର୍ଘଟଣା ଘଟାଇଥିବାରୁ ସେ ଖୁବ୍ ଆନନ୍ଦିତ ହେଉଥିଲା ।

ପ୍ର: (ଗ) ନରେନ୍ଦ୍ର ଚମକି ପଡ଼ିଲା କାହିଁକି ?

ଉ: ଏକ ଘନ ଘୋର ଅନ୍ଧାରିଆ ବର୍ଷା ରାତି । ଦୂରରୁ ଟ୍ରେନ୍ ଆସିବାର ଶବ୍ଦ ଶୁଭୁଛି । ନୟନପୁର ଏକସ୍‌ପ୍ରେସର ସମୟ , ଦ୍ରୁତଗତିରେ ମାଡ଼ିଆସୁଛି । ଏହାକୁ ଯେତେଶୀଘ୍ର ପାର ଦୁର୍ଘଟଣାଗ୍ରସ୍ତ କରାଇବାକୁ ହେବ । ତେଣୁ ଟ୍ରେନ୍ ଆସିବାର ଶବ୍ଦଶୁଣି ସେ ଚମକି ପଡ଼ିଲା ।

ପ୍ର: (ଘ)ସେଦିନ ପ୍ରକୃତି କିପରି ରୂପ ଧାରଣ କରିଥିଲା ?

ଉ:ଜୀବନର ଅସୁମାରି ରାତି ଭିତରେ ଏ ଗୋଟିଏ ସ୍ମରଣୀୟ ରାତି ଥିଲା । ବର୍ଷାର ଅନ୍ଧକାର ସାରା ଆକାଶକୁ ଗ୍ରାସ କରିଯାଇଥିଲା । ତା'ରି ଭିତରେ ବର୍ଷାର ବେଗ ବଢୁଥିଲା । ତା'ସହିତ ଝଡ଼ ମଧ୍ୟ  ତାଳ ଦେଉଥିଲା । ଝଡ଼ ଓ ବର୍ଷାର ଅପୂର୍ବ ସମନ୍ୱୟରେ ସତେ ଯେପରି ନୃତ୍ୟ ଚାଲିଥିଲା । ଆଉ ବଜ୍ର ମାଦଳର ସ୍ୱର ଶୁଭୁଥିଲା ।

## Extract -14

ଏମାନଙ୍କ ପାଇଁ  ଦିନ ନାହିଁ, ରାତି ନାହିଁ ଝଡ଼ ନାହିଁ, ବର୍ଷା ନାହିଁ । ବିନଦିଆ ଆଉ କିଛି ନକହି କୁଡ଼ିଆରେ ଗୋଟାଏ କୋଣରୁ କେଇଖଣ୍ଡ ବିଡ଼ି କାଢ଼ି ନରେନ୍ଦ୍ର ହାତକୁ ବଢ଼ାଇଦେଲା ।

ପ୍ର: (କ)କେଉଁମାନଙ୍କ କଥା ବିନିଦିଆ ଭାବିଛି ?

ଉ:ନକ୍ସଲବାଦୀ ସଂଗ୍ରାମୀମାନଙ୍କ କଥା ବିନଦିଆ ଭାବିଛି । ଏମାନେ ଏତେ ବିଦ୍ରୋହୀ ଯେ ପରିବେଶର କୌଣସି ଅବସ୍ଥାକୁ ଖାତିର ନକରି ଏମାନେ ନିଜ ଜିଦରେ ଅଟଳ ଥାଆନ୍ତି । ନରେନ୍ଦ୍ର ମଧ୍ୟ ସେହିପରି ଦିନ,  ରାତି ଝଡ଼, ବର୍ଷା କାହାରିକୁ ନ ମାନି ଆପଣାର ଲକ୍ଷ୍ୟ ପଥରେ ଅଗ୍ରସର ହେଉଥିଲା ।

ପ୍ର: (ଖ) ବିନଦିଆର ପରିବାର ବିଷୟରେ ଲେଖ ।

ଉ: ବିନଦିଆ ଛତିଶଗଡ଼ର ଲୋକ । ଛତିଶଗଡ଼ି ଭାଷାରେ କଥା କହେ । ତା'ର ପରିବାରରେ ସ୍ତ୍ରୀ ଓ ଦୁଇଟି ଛୋଟ ଝିଅ ରୁହନ୍ତି । ଝିଅ ଦୁଇଜଣକ ନାଁ କମଳା ଓ ବିମଳା । ବିନଦିଆ ଓ ତା'ର ସ୍ତ୍ରୀ ଉଭୟେ କାମ କରି ପରିବାର ଚଳାନ୍ତି ।

ପ୍ର: (ଗ) ନରେନ୍ଦ୍ରକୁ ଦେଖି ବିନଦିଆ ଆଶ୍ଚର୍ଯ୍ୟ ହେବାର କାରଣ କ'ଣ ?

ଉ:ବିନଦିଆ ନିଜ ପରିବାର ଧରି ବସ୍ତିରେ ରହେ । ଗୋଟିଏ ଦସ୍ତା ଛାଉଣି ସେଲ୍ ତା'ର ଆଶ୍ରୟ ସ୍ଥଳ । ସେଦିନ ରାତିରେ ବର୍ଷାକୁ ଖାତିର ନକରି ନରେନ୍ଦ୍ର ତା' କୁଡ଼ିଆକୁ ପଶିଆସିଲା । ଆଉ ତାକୁ ବିଡ଼ି ରଖିଛି କି ନାହିଁ ପଚାରିଲା । ଏମିତି ଏକ ଅସମୟରେ ନରେନ୍ଦ୍ରକୁ ଆସିବାର ଦେଖି ବିନଦିଆ ଆଶ୍ଚର୍ଯ୍ୟ ହୋଇଯାଇଥିଲା ।

ପ୍ର: (ଘ) ନରେନ୍ଦ୍ର ବାହାରେ ବୁଲିବାର କାରଣ କ'ଣ ?

ଉ:ନରେନ୍ଦ୍ରକୁ ଏକ ଟ୍ରେନ୍ ଦୁର୍ଘଟଣା କରାଇବାର ଦାୟିତ୍ୱ ଦିଆଯାଇଥିଲା । ମେଘା ବ୍ରିଜ ପାଖ ଚାରିଶ ବାସ୍ତରି ମାଇଲରୁ ଫିସପ୍ଲେଟ ଉଠାଇବାର ଦାୟିତ୍ୱ ନେଇ ସେ ସାତଦିନ ଧରି ବାହାରେ ବୁଲୁଥିଲା । କାମଟାକୁ ଠିକ୍ ଭାବରେ ସମ୍ପାଦନ କରିବା ପାଇଁ ସେ ଏମିତି ବାହାରେ ହିଁ ବୁଲୁଥିଲା । ଟ୍ରେନଟି ଦୁର୍ଘଟଣାଗ୍ରସ୍ତ ହେଲେ ତା'ର ଦାୟିତ୍ୱ ସରିବ ବୋଲି ସେ ବିଚାର କରୁଥିଲା ।

## Extract -15

"ମଞ୍ଜୁ, ମୁଁ ଚାହେଁ ସହକର୍ମିଣୀ, ଶଯ୍ୟାସଙ୍ଗିନୀ ନୁହେଁ ।

ପ୍ର: (କ) ଏହାର କାହାର ଉକ୍ତି ?

ଉ: ଏହା ନରେନ୍ଦ୍ରର ଉକ୍ତି । ସେ ତା'ର ସ୍ତ୍ରୀକୁ ନିଜର କାର୍ଯ୍ୟରେ ଯୋଗ ଦେଇ ଚାହୁଁଥିଲା । ତେଣୁ ଶଯ୍ୟାସଙ୍ଗିନୀ ନ କରି ଶ୍ରମିକସଙ୍ଘର କାର୍ଯ୍ୟରେ ଯୋଗ ଦେଇ ତା' ସହିତ କାମ କରିବାକୁ ଚାହୁଁଥିଲା । ତେଣୁ ସେ ଏମିତି କଥା କହିଥିଲା ।

ପ୍ର: (ଖ) ମଞ୍ଜୁ କାନ୍ଦ କାନ୍ଦି କ'ଣ କହିଥିଲା ?

ଉ: ମଞ୍ଜୁ କାନ୍ଦି କାନ୍ଦି ନରେନ୍ଦ୍ରକୁ କହିଥିଲା, ସେ ଏସବୁ କାମ କରିପାରିବ ନାହିଁ । ପିସ୍ତଲ, ଗୁଳି, ବୋମାକୁ ଦେଖିଲେ ତା'ର ଛାତିଟା ଥରିଉଠେ । ତେଣୁ ତାକୁ କ୍ଷମା କରିବାକୁ ସେ ନରେନ୍ଦ୍ରକୁ ଅନୁରୋଧ କରିଥିଲା ।

ପ୍ର: (ଗ) ନରେନ୍ଦ୍ର ମଞ୍ଜୁକୁ ରୁକ୍ଷ କଣ୍ଠରେ କି ଜବାବ ଶୁଣାଇଥିଲା ?

ଉ: ମଞ୍ଜୁ ନରେନ୍ଦ୍ରର କଥାରେ ରାଜି ନ ହେବାରୁ ସେ ରାଗିଗଲା । ଆଗାମୀ ବିପ୍ଳବ ପାଇଁ ସତେ ଯେପରି ମଞ୍ଜୁ ଏକ ହୀନ ଷଡ଼ଯନ୍ତ୍ର କରୁଥିଲା ବୋଲି ନରେନ୍ଦ୍ର ଭାବିଲା । ସେ ତାକୁ ସହିପାରିବ ନାହିଁ ବୋଲି କହିଥିଲା । ଯଦି ମଞ୍ଜୁ ଅଣ୍ଡରଗ୍ରାଉଣ୍ଡରେ ଯୋଗ ନ ଦିଏ ତେବେ ତା'ର ଏଠାରେ ସ୍ଥାନ ନାହିଁ । ସେ ତା'ର ବାପଘରକୁ ଚାଲିଯାଇପାରେ ।

ପ୍ର: (ଘ) ନୟନପୁର ଏକ୍ସପ୍ରେସରେ ଚଢ଼ିଥିବା ସ୍ତ୍ରୀଲୋକଟିର ମନର ଭାବନା କ'ଣ ଥିଲା ?

ଉ: ସ୍ତ୍ରୀ ଲୋକଟିର ଶିଶୁଟି ବର୍ଥର ଗୋଟିଏ କୋଣରେ ଶୋଇଯାଇଥିଲା । ମାତ୍ର ସ୍ତ୍ରୀ ଲୋକର ଆଖିକୁ ଜମା ନିଦ ନଥିଲା । ସେ ଝରକାର କାଚ ପକାଇ ଦେଇ ବାହାରର ଅନ୍ଧାରଭିତରକୁ ଚାହୁଁଥିଲା । ଏମିତି ଏକ ଝଡ଼ରାତିରେ ସେହି ଷ୍ଟେସନକୁ ତା'ର ସ୍ୱାମୀ ଆସିଥିବେ ତାକୁ ନେବା ପାଇଁ । ଅପେକ୍ଷା କରିଥିବେ କେତେବେଳେ ତା'ର ଶିଶୁକୁ ଧରି ସ୍ତ୍ରୀ ଓହ୍ଲାଇବ । ଏମିତି ଅନେକ ଭାବନା ସେହି ସେହି ସ୍ତ୍ରୀ ଲୋକର ମନରେ ଖେଳିଯାଉଥିଲା ।

## Extract -16

ଶ୍ୟାମଳ ଉଠିବସିଲା । ନରେନ୍ଦ୍ରକୁ ନୀରବ ଦେଖି ଶ୍ୟାମଳ ପଚାରିଲା, 'କେତେବେଳେ ଫେରିଲୁ ?'

ପ୍ରः (କ) ମଞ୍ଜୁ ବାପ ଘରକୁ ଯିବାର କାରଣ କ'ଣ ?

ଉः ଯେହେତୁ ମଞ୍ଜୁ ନରେନ୍ଦ୍ରର କଥାରେ ରାଜି ହେଲା ନାହିଁ, ତେଣୁ ନରେନ୍ଦ୍ର ଏକ ପ୍ରକାର ଜୋର ଜବରଦସ୍ତ କରି ମଞ୍ଜୁକୁ ଘରୁ ତଡ଼ି ଦେଇଥିଲା । ତା' ସହିତ ନାନାପ୍ରକାର ଲାଞ୍ଛନା ମଧ୍ୟ କରିଥିଲା । ବହୁ ଲାଞ୍ଛନା ସତ୍ତ୍ୱେ ସେ ସର୍ବଂସହା ମାଟି ପରି ପଡ଼ି ରହିଥିଲା । ମାତ୍ର ଲରାଞ୍ଛନା ସୀମା ଲଙ୍ଘନ ହେବାରୁ ସେ ତା'ର ବାପଘରକୁ ଚାଲିଯାଇଥିଲା ।

ପ୍ରः (ଖ) ନର୍ଦେ ନୀରବ ରହିବାର କାରଣ କ'ଣ ?

ଉः ଅତୀତରେ ସବୁ ଦୁର୍ଘଟଣା ପାଇଁ ନରେନ୍ଦ ଅନୁତାପ କରେ । ମଞ୍ଜୁ ପାଖକୁ ଫେରି ଆସିବାକୁ ଚିଠି ଲେଖେ । ମାତ୍ର ତା'ର ପୌରୁଷ ଓ ଅଭିମାନ ସେଥିରେ ବାଧା ଦିଏ । ସେହି ଅତୀତ କଥା ମନେ ପକାଇ ଦୁଃଖ ପ୍ରକାଶ କରେ ଓ ନୀରବ ହାଇଯାଏ । ଯାହାକି ଶ୍ୟାମଳକୁ ଆଦୌ ଭଲ ଲାଗେ ନାହିଁ ।

ପ୍ରः (ଗ) ଅତୀତ କଥା ଭାବିଲେ ନରେନ୍ଦ୍ର ଲଜ୍ଜିତ ହୁଏ କାହିଁକି ?

ଉः ମଞ୍ଜୁଥିଲା ତା'ର ସ୍ତ୍ରୀ । ସେବାବ୍ରତୀ ନାରୀଟିଏ । ସର୍ବଂସହା ମାଟିପରି ସେ ନରେନ୍ଦ୍ରର ସବୁ ଲାଞ୍ଛନାକୁ ସହି ନେଉଥିଲା । ଅଥଚ ଏପରି ଗୋଟିଏ ଝିଅକୁ ସ୍ତ୍ରୀ ରୂପେ ପାଇ ସେ ହତାଦର କଲା । ମଞ୍ଜୁ ଆସନ୍ନ ସନ୍ତାନ ପ୍ରସବା ଥାଇ ମଧ୍ୟ ତା' ପ୍ରତି ଅସଭ୍ୟ ବର୍ବର ପରି ବ୍ୟବହାର କଲା । ସେହି ସବୁ କଥା ଭାବିଲେ ତାକୁ ଲଜ୍ଜା ଲାଗିଥାଏ ।

ପ୍ରः (ଘ) ମଞ୍ଜୁ ଚିଠିରେ କ'ଣ ଲେଖିଥିଲା ?

ଉः ନରେନ୍ଦ୍ର ଲଣ୍ଡନର ଧୂଆଁଳିଆ ଆଲୁଅରେ ମଞ୍ଜୁର ହାତଲେଖା ଚିଠିଟିକୁ ପଢ଼ିଲା । ସେଥିରେ ମଞ୍ଜୁ ଲେଖିଥିଲା ଯେ ନରେନ୍ଦ୍ରୁ ତାକୁ ପାଦରେ ଠେଲିଦେଉ ପଛକେ, ତା'ର ସ୍ଥାନ କିନ୍ତୁ ସ୍ୱାମୀର ପାଦତଳେ । ମନୀଷା, ମନୀକୁ ତିନିବର୍ଷ ହେଲାଣି । ମନୀଷାକୁ ଧରି ସେ ଫେରୁଛି । ଏଇ

ନୟନପୁର ଏକ୍ସପ୍ରେସରେ ଜୁଲାଇ ୨୫ ତାରିଖରେ ସେ ଫେରୁଛି । ତାକୁ ଷ୍ଟେସନରୁ ନେଇଯିବା ପାଇଁ ସେ ନରେନ୍ଦ୍ରକୁ ବିନୀତ ଗୁହାରି କରିଛି । ଏହି ଚିଠିଟି ହିଁ ନରେନ୍ଦ୍ର ମନରେ ଝଡ଼ ସୃଷ୍ଟି କରିଥିଲା ।

# ଗାନ୍ଧାରୀର ଆଶୀର୍ବାଦ

**Extract -1**

ଶତେକ ପୁତ୍ର ଜନନୀ ଭାଷଇ
କୋମଳ ମଧୁର ଗିର
''ଅଭିଳାଷ ଯେବେ ରଣ ପ୍ରାଙ୍ଗଣେ
ଅବତର ଆରେ ବୀର !

**କ କେବେ କେଉଁ ସ୍ଥାନରେ ଏ ଘଟଣା ଘଟିଥିଲା ?**

**ଉତ୍ତର :** ଏ ଘଟଣା ଦ୍ୱାପର ଯୁଗରେ ଘଟିଥିଲା । ଏ ଯୁଦ୍ଧ କୁରୁକ୍ଷେତ୍ରରେ ହେଉଥିଲା । କୌରବ ଓ ପାଣ୍ଡବମାନଙ୍କ ମଧ୍ୟରେ ଘୋର ଯୁଦ୍ଧ ହେଉଥିଲା । ଏହା ମହାଭାରତ ଯୁଦ୍ଧ ନାମରେ ବିଖ୍ୟାତ ।

**ଖ ଗାନ୍ଧାରୀ କାହାର କେଉଁ କଥାର ଉତ୍ତର ଦେଲେ ?**

**ଉତ୍ତର :** ଯୁଦ୍ଧକୁ ଯିବା ପୂର୍ବରୁ ଦୁର୍ଯ୍ୟୋଧନ ବିଜୟ ଆଶୀର୍ବାଦ ମାଗି ମା' ଗାନ୍ଧାରୀଙ୍କୁ ପ୍ରଣାମ କଲେ । ମା' କହିଲେ ଯୁଦ୍ଧରେ ଭାଗନେବାକୁ ଯଦି ଆଗ୍ରହ କରୁଛ, ଯାଅ, କିନ୍ତୁ ଏଠାରେ କେବଳ ଧର୍ମର ଜୟ ହେବ ।

**ଗ ସେ ଉତ୍ତରରେ କ'ଣ କହିଲେ ?**

**ଉତ୍ତର :** ମା' ବୁଝାଇଦେଲେ କୁରୁକ୍ଷେତ୍ର ଧର୍ମକ୍ଷେତ୍ର । ଏଠାରେ ଯୁଦ୍ଧ କରିଲେ କେବଳ ଧର୍ମର, ସତ୍ୟର ଜୟ ହେବ । ତାହା ଦ୍ୱାରା ପୁଣ୍ୟ ବା ପବିତ୍ରତାର କ୍ଷୟ ହେବନାହିଁ । ଏ ସଂସାର କେବଳ ଧର୍ମବଳରେ ତିଷ୍ଠି ରହିଛି ।

**ଘ ଶ୍ରୋତାଙ୍କୁ ଏହି ଉତ୍ତର ବିସ୍ମିତ କଲା କାହିଁକି ?**

**ଉତ୍ତର :** ଏଠାରେ ଶ୍ରୋତା କୌରବ ଶ୍ରେଷ୍ଠ ଦୁର୍ଯ୍ୟୋଧନ । ସେ ଯୁଧରେ ଜିଣିବା ଆଶାରେ ଆଶୀର୍ବାଦ ଭିକ୍ଷା କରୁଥିଲେ । ସେ ଯେ ନୀତିନିଷ୍ଠ ଧର୍ମଯୁଦ୍ଧ ଲଢୁନାହାନ୍ତି ଏହା ତାଙ୍କୁ ଜଣାଥିଲା । ତେଣୁ ସେ ଏ ଉତ୍ତରରେ ବିସ୍ମିତ ହେଲେ ।

## Extract-2

ଆଶିଷ କି ଅବା ଅଭିଶାପ ଏ ଯେ
ପୁତ୍ର ନ ପାରେ ଜାଣି,
ସହଜ ଗତିରେ ବଚନ ଭାଷଇ
ଧୃତରାଷ୍ଟ୍ର ରାଣୀ ।

କ ଉଦ୍ଧୃତାଂଶରେ ମାତା–ପୁତ୍ରଙ୍କର ପରିଚୟ ଦିଅ ।

**ଉତ୍ତର :** ଉଦ୍ଧୃତାଂଶରେ ମାତା ମହାରାଣୀ ଗାନ୍ଧାରୀ । ସେ ହସ୍ତିନାର ରାଜା ଧୃତରାଷ୍ଟ୍ରଙ୍କର ରାଣୀ ଥିଲେ । ତାଙ୍କର ଶହେଟି ବୀର ଯୋଦ୍ଧା ପୁତ୍ର ଥିଲେ । ଏଠାରେ ପୁତ୍ର ହେଉଛନ୍ତି ଦୁର୍ଯ୍ୟୋଧନ । ସେ କୌରବମାନଙ୍କର ବଡ଼ ଭାଇ, ଗାନ୍ଧାରୀଙ୍କର ଜ୍ୟେଷ୍ଠ ପୁତ୍ର ।

ଖ ପୁତ୍ର ଆଶୀର୍ବାଦ ଓ ଅଭିଶାପ ମଧ୍ୟରେ ପାର୍ଥକ୍ୟ ବୁଝିଲେ ନାହିଁ କାହିଁକି ?

**ଉତ୍ତର :** ପୁତ୍ର ଦୁର୍ଯ୍ୟୋଧନ ଜୟଲାଭ କରିବାର ଆଶୀର୍ବାଦ ମାଗିଥିଲେ । ମା' କହିଲେ ନିର୍ଭୟ ମନରେ ଯୁଦ୍ଧ ଲଢ଼ିବାକୁ ଯାଅ । ଧର୍ମର ଜୟ ହେଉ । ଏହା ଦୁର୍ଯ୍ୟୋଧନଙ୍କୁ ଅଭିଶାପ ପରି ଲାଗିଲା, କାରଣ ସେ ଜାଣିଥିଲେ ଯେ ସେ ନିଜେ ଧର୍ମ ପକ୍ଷରେ ନଥିଲେ ।

ଗ 'ସହଜ ଗତିରେ' କହିବା କହିଲେ କ'ଣ ବୁଝ ?

**ଉତ୍ତର :** ମନରେ କୌଣସି ଚିନ୍ତା, ଭୟ, ଆଶଙ୍କା ବା କୁଟିଳତା ନଥାଇ କଥା କହିବାକୁ ସହଜ ଗତିରେ କହିବା କୁହାଯାଏ । ଗାନ୍ଧାରୀ ଏହିପରି କହୁଥିଲେ ।

ଘ ରାଣୀଙ୍କର ପ୍ରକୃତ ଉଦ୍ଦେଶ୍ୟ କ'ଣ ଥିଲା ?

**ଉତ୍ତର :** ରାଣୀଙ୍କ ମନରେ କୌଣସି କୁଟିଳ ଭାବ ନଥିଲା । ସେ ମାନବ ଜାତିର ମଙ୍ଗଳ କାମନା କରୁଥିଲେ । କୌଣସି ପର ଆପଣା ଭେଦଭାବ ତାଙ୍କ ମନରେ ନଥିଲା । ସେ ଭାବୁଥିଲେ ଯିଏବି ସତ୍ୟ ଧର୍ମର ପକ୍ଷ ନେବ ସେ ଜିଣିବ । ତେଣୁ ଯୋଦ୍ଧା ନିଜେ ସ୍ଥିର କରୁ ସେ କେଉଁ ପକ୍ଷରେ ଲଢେଇ କରିବ ।

## Extract-3

ଯାଅ ବୀର ରଣେ, ଦେଉଛି ମେଲାଣି
ନ କର ଦୁଃଖ ଭୟ,
ଅକ୍ଷୟ ହେଉ ପୁଣ୍ୟ ଜଗତେ
ଧର୍ମର ହେଉ ଜୟ ।

କ ନିର୍ଭୀକ ହୋଇ ଯୁଦ୍ଧଭୂମିକୁ କିପରି ଯାଇପାରିବ ?

**ଉତ୍ତର :** ଯୁଦ୍ଧକୁ ଯାଉଥିବା ପ୍ରତ୍ୟେକ ଯୋଦ୍ଧା ଜିଣିବାର ଲକ୍ଷ୍ୟ ରଖିଯାଏ । କିନ୍ତୁ ସେପରି ନଭାବି ଯଦି ଜଣେ ଯୁଦ୍ଧକୁ ନିଜର ଧର୍ମ ଓ କର୍ତ୍ତବ୍ୟ ମନେକରିଯିବ, ଫଳାଫଳ କଥା ବିଚାର କରିବ ନାହିଁ ତେବେ ସେ ନିର୍ଭୀକ ହୋଇଯାଇପାରିବ । ନିଜର ବୀରତାରେ ଲଢ଼ିବ କୌଣସି ଅନୀତି କରିବ ନାହିଁ ।

ଖ ଏ ଯୁଦ୍ଧ ଶେଷରେ ଜଗତର କି ଲାଭ ବା କ୍ଷତି ହେବ ?

**ଉତ୍ତର :** ଜଗତରେ ବହୁତ ଅନ୍ୟାୟ ଅଧର୍ମ ବ୍ୟାପି ଯାଇଥିଲା । ତାହା ମାନବ ସମାଜ ପାଇଁ ଏକାନ୍ତ କ୍ଷତିକାରକ ହେଉଥିଲା । ଯେପରି ମଇଳା ପାଣିକୁ ଛାଣି ଦେଲେ ପାଣି ଓ ମଇଳା ଅଲଗା ହୋଇଯାଏ ସେହିପରି ଅନ୍ୟାୟ ଅସତ୍ୟ ହ୍ରାସ ପାଇଗଲେ

ଜଗତର ମଙ୍ଗଳ ହୁଏ, ଲାଭ ହୁଏ ।

ଗ **ଯୁଦ୍ଧର ପରିଣାମ ବିଷୟରେ ରାଣୀ କାହିଁକି ଭାବିଲେ ?**

**ଉତ୍ତର :** ଗାନ୍ଧାରୀ ହସ୍ତିନାର ମହାରାଣୀ, ଶହେ ପୁତ୍ରର ଜନନୀ । ସମଗ୍ର ରାଜ୍ୟର ସୁଖ ଦୁଃଖ ଭଲ, ମନ୍ଦ ତାଙ୍କର ଦାୟିତ୍ୱ । ତେଣୁ ଯୁଦ୍ଧ ଶେଷରେ ପରିଣାମ କ'ଣ ହୋଇପାରେ ଚିନ୍ତା କରିବା ଓ ନ୍ୟାୟ ଏବଂ ଧର୍ମକୁ ପ୍ରେରଣା ଦେବା ତାଙ୍କର କର୍ତ୍ତବ୍ୟ ।

ଘ **ଏହି ଯୁଦ୍ଧକୁ ଧର୍ମଯୁଦ୍ଧ କୁହାଯାଏ କାହିଁକି ?**

**ଉତ୍ତର :** ଏହି ଯୁଦ୍ଧ କୁରୁକ୍ଷେତ୍ର ନାମକ ଯୁଦ୍ଧ ଭୂମିରେ ଲଢ଼ା ଯାଉଥିଲା । କୁରୁକ୍ଷେତ୍ରର ଅନ୍ୟ ନାମ ଧର୍ମ କ୍ଷେତ୍ର । ଏଠାରେ ଯିଏ ବି ଯାହା ସହିତ ଲଢ଼େଇ କରିପାରେ କିନ୍ତୁ ପରିଣାମରେ ଜୟ ହେବ ଯେଉଁ ପକ୍ଷ ଧର୍ମ ଓ ନ୍ୟାୟ ସପକ୍ଷରେ ଲଢ଼େଇ କରିବେ । ଏହା ଏହି ଯୁଦ୍ଧଭୂମିର ମହାନତା ।

# Extract-4

ଗାନ୍ଧାରୀ ଦେଲା ଜନନୀ ପ୍ରାଣର
ସୁମହତ ପରିଚୟ
ଅକ୍ଷୟ ହେଉ ପୁଣ୍ୟ ଜଗତେ
ଧର୍ମର ହେଉ ଜୟ ।

କ **ଗାନ୍ଧାରୀଙ୍କ ପରିଚୟ ଦିଅ ।**

**ଉତ୍ତର :** ଗାନ୍ଧାରୀ ହସ୍ତିନାପୁର ରାଜାଙ୍କର ମହାରାଣୀ । ସେ ଶହେ ପୁଅଙ୍କର ଜନନୀ ଥିଲେ । ଅତି ଧାର୍ମିକ ଓ ଶୁଦ୍ଧ ପବିତ୍ର ଚରିତ୍ରର ଥିବାରୁ ତାଙ୍କର ଆଶିଷ ବର ପରି କାମ କରୁଥିଲା ।

ଖ **ତାଙ୍କୁ ବିଶ୍ୱଜନନୀ କୁହାଯାଏ କାହିଁକି ?**

**ଉତ୍ତର :** ଜଣେ ସନ୍ତାନର ମା' ତାର ଜନନୀ । ଯିଏ ଏପରି ଚରିତ୍ରର ମା' ହୋଇଥିବ ଯେ ସାରା ସଂସାରର ଲାଭ କ୍ଷତି, ଭଲ ମନ୍ଦ କଥା ଚିନ୍ତା କରି କାର୍ଯ୍ୟ କରୁଥିବ ତାକୁ ବିଶ୍ୱଜନନୀ କୁହାଯିବ । ଗାନ୍ଧାରୀ ସେହିପରି ଜଣେ ମା' ଥିଲେ । ଯେ ସଂସାରର ସବୁ ମା'ମାନଙ୍କ ହସ କାନ୍ଦ କଥା ଭାବି ପାରୁଥିଲେ, ବୁଝୁଥିଲେ ।

ଗ **ଗାନ୍ଧାରୀଙ୍କ ଦୃଷ୍ଟିରେ ପାଣ୍ଡବ ଓ କୌରବ ସେନାର ମହତ୍ତ୍ୱ ଲେଖ ।**

**ଉତ୍ତର :** ରାଣୀ ଗାନ୍ଧାରୀ ଏପରି ଜଣେ ମା' ଥିଲେ ଯାହାଙ୍କ ଆଖିରେ କେବଳ ନିଜର ଶହେ ପୁଅ ନୁହେଁ, ଧର୍ମକ୍ଷେତ୍ରରେ ଲଢୁଥିବା ସବୁ ଯୋଦ୍ଧା ସବୁ ସୈନିକ ତାଙ୍କରି ସନ୍ତାନ ତୁଲ୍ୟ । କୌରବମାନେ ଯେପରି ତାଙ୍କର ସନ୍ତାନ, ପାଣ୍ଡବମାନେ ମଧ ଠିକ୍ ସେହିପରି ତାଙ୍କରି ସନ୍ତାନ । ତେଣୁ ଜଣେ ମହାନ ବ୍ୟକ୍ତିତ୍ୱଙ୍କ ଦୃଷ୍ଟିରେ ପାଣ୍ଡବ ଓ କୌରବ ସେନା ସମସ୍ତେ ସମାନ । ସମସ୍ତେ ଆସନ୍ତା ଯୁଗର ଧର୍ମ ଓ ନ୍ୟାୟର ପ୍ରତିଷ୍ଠାରେ ଜଣେ ଜଣେ ଶିଳ୍ପୀ ।

ଘ **ପୁଣ୍ୟ ଅକ୍ଷୟ ହୁଏ କିପରି ?**

**ଉତ୍ତର :** ଈଶ୍ୱରଙ୍କ ଉପରେ ଭକ୍ତି ଓ ବିଶ୍ୱାସ ରଖି ସତ୍ୟ, ଧର୍ମ, ନ୍ୟାୟ ପ୍ରତିଷ୍ଠାରେ ସାହାଯ୍ୟ କରି ଶୁଦ୍ଧ ନିର୍ମଳ ଜୀବନ କଟାଇଲେ ପୁଣ୍ୟ କ୍ଷୟ ହୁଏ ନାହିଁ ।

ନିଜକୁ ସବୁପ୍ରକାର ଦୁର୍ନୀତିରୁ ମୁକ୍ତ ରଖି ଯଦି ନିଜର ଭଲ କରିବା ସହିତ ଅନ୍ୟର କ୍ଷତି ନହେବା ପରି କାମ କରିବ ତେବେ ପୁଣ୍ୟ କ୍ଷୟ ହେବ ନାହିଁ ।

କଥା, କାମ, ଚିନ୍ତା ସବୁଥିରେ ଯଦି ନିର୍ମଳ ଭାବନା ରହେ, ଦେଶ ଓ ଜାତିର ବିକାଶରେ ଯଦି ଆମେ ଭାଗ ନେଇପାରୁ ତେବେ ପୁଣ୍ୟ ଅକ୍ଷୟ ହୁଏ ।

ଏହିପରି ସଦ୍‌ଭାବନା ମାନ ମନରେ ରଖି ଗାନ୍ଧାରୀ କହିଥିଲେ ଯେ ଏ ଯୁଦ୍ଧ ଶେଷରେ ସତ୍‌ର ଜୟ ଓ ଅସତ୍‌ର ପରାଜୟ ଏବଂ ବିନାଶ ହେବ । ତାହା ଦ୍ୱାରା ସଂସାରରେ ପୁଣ୍ୟ ଅକ୍ଷୟ ହେବ ।

## Extract-5

‘‘ଜନନୀର ପାଦେ ନତକରି ଶିର

ମାଗେ କୁରୁ ଚୂଡ଼ାମଣି

ଶତ୍ରୁ ଶଇନ ପଦେ ଦଳି ଆସେ

ଭିକ୍ଷା ଦିଅ ଜନନୀ ।’’

**କ କୁରୁ ଚୂଡ଼ାମଣି କିଏ ?**

ଉତ୍ତର : କୌରବ ଶ୍ରେଷ୍ଠ, ମହାମାନୀ ଦୁର୍ଯ୍ୟୋଧନ ହେଉଛନ୍ତି କୁରୁ ଚୂଡ଼ାମଣି । କୌରବମାନଙ୍କ ମଧ୍ୟରେ ଅଗ୍ରଜ, କୁରୁଶ୍ରେଷ୍ଠ, ମହାପ୍ରତାପୀ, ମହାପରାକ୍ରମୀ ଦୁର୍ଯ୍ୟୋଧନ । ଗାନ୍ଧାରୀ ନନ୍ଦନ ଦୁର୍ଯ୍ୟୋଧନ । ଅହଂସିକ୍ତ, ଅସୂୟା ପ୍ରଣୋଦିତ୍ ଦୁର୍ଯ୍ୟୋଧନ । ଶହେ ଭାଇ ମଧ୍ୟରୁ ଗୌରବ ଶ୍ରେଷ୍ଠ ଦୁର୍ଯ୍ୟୋଧନ । ଅପର ପକ୍ଷରେ ଦୁର୍ଯ୍ୟୋଧନ ଚରିତ୍ର ମାନୀ ଓ ଗର୍ବୀ । ସବୁ କଳହର ମୂଳ କାରଣ । କୌରବ କୁଳର ଜ୍ୟେଷ୍ଠ ଭ୍ରାତା, ପିତାମାତାଙ୍କ ପ୍ରତି ତାଙ୍କର ଅନାଗ୍ରହୀ ଭାବ । ବିନା ଯୁଦ୍ଧରେ ସୂଚ୍ୟଗ୍ର ମେଦିନୀ ନଦେବା ଲାଗି ନିଷ୍ପତ୍ତି, ଯାହାର ପରିଣତିରେ ଭୟାବହ ଯୁଦ୍ଧ, ରକ୍ତପାତରେ ରକ୍ତନଦୀ ପ୍ରବାହିତ ।

**ଖ ଜନନୀ ବୋଲି କାହାକୁ କୁହାଯାଇଛି ?**

ଉତ୍ତର : ସ୍ନେହଶୀଳା ଜନନୀ ଗାନ୍ଧାରୀ, ଧୃତରାଷ୍ଟ୍ରଙ୍କ ପତ୍ନୀ ଗାନ୍ଧାରୀ, ଶତପୁତ୍ରର ଜନନୀ ଗାନ୍ଧାରୀ । ସତ୍ୟବତୀ ଅନୁପମ ଚରିତ୍ରର ଅଧିକାରିଣୀ ଗାନ୍ଧାରୀ । ସ୍ୱାମୀଙ୍କ ଲାଗି ସୋହାଗିନୀ ପତିବ୍ରତା ଗାନ୍ଧାରୀ, ସବୁଦିନ ଲାଗି ଚକ୍ଷୁରେ ଆବରଣ ଦେଇଥିବା ଗାନ୍ଧାରୀ । ସମର୍ପିତ ଆଉ ନିଷ୍ଠଳଙ୍କ ଚରିତ୍ରର ଆଧାରସିକ୍ତା ମା' ଗାନ୍ଧାରୀ । ସତ୍ୟନିଷ୍ଠ, ସମଭାବପନ୍ନା ମାତୃ ହୃଦୟ ଧାରିଣୀ ଜନନୀ ଗାନ୍ଧାରୀ । ଅମୃତ ଚରିତ୍ରର ନାରୀ ଦୃଷ୍ଟାନ୍ତ ମା' ଗାନ୍ଧାରୀ ସତ୍ୟ ସନ୍ଧ ଧୃତରାଷ୍ଟ୍ରଙ୍କ ପରି ସଦାସର୍ବଦା ଗାନ୍ଧାରୀ ସତ୍ୟ ଆଉ ଧର୍ମର ଜୟଗାନ କରିଛନ୍ତି ।

**ଗ ‘ଅକ୍ଷୟ ହେଉ ପୁଣ୍ୟ ଜଗତେ’ର ଅନ୍ତଃସ୍ୱର କ’ଣ ?**

ଉତ୍ତର : ଗାନ୍ଧାରୀ ଚରିତ୍ର ମହାଭାରତରେ ଏକ ଅନୁପମ ସୃଷ୍ଟି । ପୁଣ୍ୟ ସବୁ ଯୁଗରେ ପବିତ୍ର, ସତ୍ୟ ଅକ୍ଷୟ । ସତ୍ୟ କାଳଜୟୀ, ପୁଣ୍ୟ ରସୋତୀର୍ଣ୍ଣ । ପୁଣ୍ୟ ଭାବ ଗମ୍ଭୀର, ପୁଣ୍ୟ ଜଗତ୍‌ଜିତା, ପୁଣ୍ୟ ଉତ୍କୃଷ୍ଟ, ପୁଣ୍ୟ ଶ୍ରେଷ୍ଠ । ଗୋଟିଏ ପଟେ ଧର୍ମ, ସତ୍ୟ ଆଉ ପୁଣ୍ୟ, ଆଉ ଗୋଟିଏ ପକ୍ଷରେ ଅଧର୍ମ, ଅସତ୍ୟ ଆଉ ପାପ । ଏହି ଦ୍ୱନ୍ଦ୍ୱ ଅବସ୍ଥାରେ ମହାଭାରତ ଯୁଦ୍ଧ । କିନ୍ତୁ ସବୁବେଳେ ଧର୍ମର ଓ ପୁଣ୍ୟର ଜୟ ବୋଲି ଇତିହାସ କହେ । ମା' ଗାନ୍ଧାରୀ ଜାଣନ୍ତି କୌରବ କୁଳ ଅଧର୍ମ ଆଉ ଅସତ୍ୟର ପଦାଚାରୀ ଔଦ୍ଧତ୍ୟ ଓ ଅହଂକାରର ବଶବର୍ତ୍ତୀ । ତେଣୁ ସତ୍ୟଧର୍ମା ଗାନ୍ଧାରୀ ଧର୍ମ ଓ ପୁଣ୍ୟର ଜୟ ହେଉ ବୋଲି ଦୃପ୍ତ ସ୍ୱରରେ ଦୁର୍ଯ୍ୟୋଧନକୁ ଆଶିଷ ପ୍ରଦାନ କରିଛନ୍ତି ।

**ଘ ମା’ ଗାନ୍ଧାରୀ ମହାଭାରତ ଯୁଦ୍ଧର ଭୟାବହ ପରିଣତି ସମ୍ପର୍କରେ କ’ଣ କହିଛନ୍ତି ?**

ଉତ୍ତର : ମା' ଗାନ୍ଧାରୀଙ୍କ ଚରିତ୍ର ଏକ ବିରଳ ଚରିତ୍ର । ମାତୃତ୍ୱର ସଂଜ୍ଞା ତାଙ୍କ ପାଖରେ ଏକ ନୂତନ ସଂଜ୍ଞା । ସେ ବିଶ୍ୱ ମାତୃତ୍ୱର ଉଦାହରଣ । ସର୍ବଜନାଦୃତ ମାତୃତ୍ୱର ପରାକାଷ୍ଠା ପ୍ରତିପାଦିତ କରିଅଛନ୍ତି । ସେ କୁରୁଶ୍ରେଷ୍ଠ ଦୁର୍ଯ୍ୟୋଧନଙ୍କୁ ବୁଝାଇ କହିଅଛନ୍ତି ଯେ, ମହାଭାରତ ଯୁଦ୍ଧରେ ଗୋଟିଏ ପକ୍ଷର ଜୟ ଓ ଅନ୍ୟପକ୍ଷର ପରାଜୟ । ଉଭୟ ପକ୍ଷ କେବେ ଜୟଲାଭ କରିବେ ନାହିଁ । କିନ୍ତୁ ଯୁଦ୍ଧରେ ଉଭୟ ପକ୍ଷର ଯୋଦ୍ଧାଙ୍କର କ୍ଷତି ହେବା ଧ୍ରୁବ ସତ୍ୟ । କିଏ ବା ଆହତ ହୋଇପାରନ୍ତି ଆଉ କିଏ ବା ନିହତ ହୋଇପାରନ୍ତି । ତେଣୁ ସେ ବିଶ୍ୱଚେତନାରେ ଉଦ୍‌ବୁଦ୍ଧ ହୋଇ କହିଅଛନ୍ତି, ଦୁର୍ଯ୍ୟୋଧନର ମୃତ୍ୟୁ ତାଙ୍କ ପ୍ରାଣରେ ଯେତିକି ଦୁଃଖ ଦେବ, ଅର୍ଜ୍ଜୁନଙ୍କ ନିଧନ ମଧ୍ୟ ସେତିକି କାତରତା ସୃଷ୍ଟି କରିବ ତାଙ୍କ ପ୍ରାଣରେ । କୌରବ ଶହେଭାଇ ତାଙ୍କର ଯେପରି ପୁତ୍ରବତ୍, ପାଣ୍ଡବ ପାଞ୍ଚଭାଇ ମଧ୍ୟ ତାଙ୍କର ତତ୍ତୁଲ୍ୟ ପୁତ୍ର ସମାନ ।

# କାଳିଜାଈ

## Extract - 6

"ପାରିକୁଦ ବୋଲି     ରାଇଜ ପୁଣି ସେ
    ଚିଲିକା ମଝିରେ କାହିଁ,
କେମନ୍ତେ ମୂର୍ଚ୍ଛିଲ     ଝିଅକୁ ବାପା ହେ,
    ଏତେ ଦୂରେ ଦେବା ପାଇଁ !"

କ ପାରିକୁଦ କେଉଁଠାରେ ଅବସ୍ଥିତ ? ଝିଅର ସେ ସ୍ଥାନ ବିଷୟରେ ଅଭିଯୋଗ ଅଛି କାହିଁକି ?

ଉତ୍ତର : ପାରିକୁଦ ଚିଲିକା ହ୍ରଦରେ ଥିବା ଏକ ଛୋଟ ଦ୍ୱୀପ । ଝିଅ ଜାଇ, ସେ ସ୍ଥାନ ବିଷୟରେ କିଛିବି ଜାଣେ ନାହିଁ । ସେଠାକୁ ଯିବା ପାଇଁ ସେ ପ୍ରଥମ ଥର ଡଙ୍ଗାରେ ବସିଛି । ଭୟାର୍ତ୍ତ ହୋଇ ହୋଇ ସେ ଭାବୁଛି ତା ବାପା ମା ବରଂ ଜନ୍ମରୁ ତାକୁ ମାରି ଦେଇଥାନ୍ତେ, କାହିଁକି ଏମିତି ଅଜଣା ଜାଗାକୁ ତାକୁ ଠେଲି ଦେଉଛନ୍ତି ।

ଖ ଜାଇ ନିଜକୁ ନିରେଖ ଜନ କହିଛି କାହିଁକି ?

ଉତ୍ତର : ଆଗ ବେଳେ ଓଡ଼ିଆ ଘରର ଝିଅଟିଏ ନିଜର ବାହାଘର ବିଷୟରେ ପଦେ କଥା କହିବାର ସ୍ୱାଧୀନତା ପାଉ ନଥିଲା । ତା'ର ଶାଶୁଘର, ବର କୌଣସି ବିଷୟରେ ବି କିଛି ହେଲେ ଧାରଣା ନଥିଲା । ଏପରିକି ବାହା ହୋଇ ଶାଶୁଘରକୁ ଯିବା ପରେ ଜୀବନରେ କେବେ ପୁଣି ବାପ ଘରକୁ ଆସିବକି ନାହିଁ ଜାଣୁ ନଥିଲା । ଏସବୁ କଥା ଭାବି ଭାବି ଜାଇ ନିଜକୁ ନିରେଖ ବା ନିରାଶ୍ରୟ ମନେକରିଛି ।

ଗ ତା' ବର ବିଷୟରେ ସେ କ'ଣ କହିଛି ?

ଉତ୍ତର : ଜାଇ ତା ବରକୁ ଚିହ୍ନେ ନାହିଁ । କିନ୍ତୁ ଏହି ପରିସ୍ଥିତିକୁ ଅପସନ୍ଦ କରି କହୁଛି ଯେ ଯେଉଁ ପିଲାକୁ ତା'ର ବର ଭାବରେ ବାପା ବାଛିଲେ ତା'ର ରୂପ, ଗୁଣ, ଧନ କ'ଣ ଏମିତି ଭଲ ଦେଖିଲେ ଯେ ତା'ର ବାପାମାଆ ଝିଅକୁ ଚିଲିକା ମଝିକୁ ନିଃସହାୟ କରି ପଠାଉଛନ୍ତି । ବିଚାରୀ ଜାଇ ଦୁଃଖରେ ଭୟରେ ବିକଳ ହୋଇ କାନ୍ଦୁଛି ।

ଘ ଶୈଶବରେ ତାକୁ ମାରି ଦେଇଥିଲେ ଭଲ ହୋଇଥାନ୍ତା ବୋଲି ଜାଇ କାହିଁକି କହିଛି ?

ଉତ୍ତର : ଜାଇ ଭାବୁଛି ବଡ଼ ହୋଇ ଭଲ ମନ୍ଦ ଦୁଃଖ ସୁଖ ସବୁ ବୁଝିପାରିବା ଭଳି ହେଇଗଲା ପରେ ତାକୁ ଏମିତି ଯନ୍ତ୍ରଣା କାହିଁକି ଦେଉଛନ୍ତି ? ବରଂ ଶିଶୁକାଳରୁ ମାରି ଦେଇଥିଲେ ସେ କିଛି ବି ଦୁଃଖ ଜାଣି ନଥାନ୍ତା । ଏବେ ଯୁବତୀ ଜାଇ ଜୀବନ ବିଷୟରେ ଜାଣିବା ବୁଝିବା ପରେ ତା ପ୍ରତି ଏମିତି ନିଷ୍ଠୁରତା ତାକୁ ଯନ୍ତ୍ରଣାଦାୟକ ହେଉଛି ।

## Extract - 7

"ଘଣ୍ଟ ଶିଳା ଶିଖେ ଚାହିଁ ସେ କହନ୍ତା

ଦିଅରେ ମେଲାଣି ମୋତେ

ଭେଟ ଆଉଦିନେ ନୋହିବ ଜୀବନେ

ଯାଉଛି ଘୋର ବନସ୍ତେ।"

**କ ଘଣ୍ଟଶିଳାର ଶିଖର ଦେଶକୁ ଦେଖି ଜାଇ କ'ଣ କହୁଛି ?**

ଉ : ଜାଇ ଅତୀତର ସ୍ମୃତିକୁ ମନେ ପକାଇ ଭାଳି ହେଉଅଛି। ଘଣ୍ଟଶିଳା ପାହାଡ଼ ଜାଇର ବହୁଦିନର ପରିଚିତ ପାହାଡ଼ ଘଣ୍ଟଶିଳାକୁ ସମ୍ବୋଧନ କରି ମେଲାଣି ଦେବାକୁ ନେହୁରା ହୋଇଛି। ବିନମ୍ର ପ୍ରଣତି ଜଣାଉଛି ଘଣ୍ଟଶିଳା ପାଖରେ। ଆଉ ସେ ପୁଣି ଜୀବନରେ ଘଣ୍ଟଶିଳାକୁ ଦେଖିପାରିବକି ନାହିଁ ବୋଲି ନିଜର ସମୀକ୍ଷା କରିଛି। ତେଣୁ ଶାଶୁଘରକୁ ଯିବା ପୂର୍ବରୁ ତାକୁ ମେଲାଣି ଦେବାକୁ ପ୍ରଣିପାତ କରିଛି।

**ଖ ଜାଇ କେଉଁ ନଈ କଥା ମାନେ ପକାଇଛି ?**

ଉ : ଜାଇର ସ୍ମୃତିପଟରେ ଭାସି ଉଠିଛି ସାଳିଆ ନଈର କଥା। ସେଇ ସାଳିଆ ନଈରେ ପ୍ରତିଦିନ ଗାଧୁଆପାଧୁଆ କରିଥାଏ। ସେଇ ନଈର ଧାରରେ ବେଳେବେଳେ ପହଁରିଥାଏ। ତା'ର କୂଳରେ ଜାଇ ଅନେକ ସମୟ ବିତରଣ କରିଥାଏ। ତା'ରି କୂଳରେ ସ୍ନାନ ସାରି ଜାଇ ଘରକୁ ଫେରିଥାଏ ବୋଲି ସ୍ମରଣ କରିଛି ନାଆର କୋଣରେ ବସି। ହେଲେ ଆଜି ଶାଶୁଘରକୁ ଆସିବା ଦିନ ସାଳିଆ ନଈ ସହିତ ତା'ର ଦେଖା ହୋଇନାହିଁ। କାରଣ କାଳିଅନ୍ଧାରରୁ ସେ ଯାତ୍ରା କରିଛି। ସାଳିଆ ନଈର ଖୁବ୍ ଖ୍ୟାତି, ଖୁବ୍ ଯଶ। ତିନି କୋଡ଼ି କୋଶରୁ ଲୋକେ ସାଳିଆ ନଈକୁ ଜାଣନ୍ତି ବୋଲି ମନେ ପକାଇଛି।

**ଗ ଜାଇ ଭଗବତୀ ପାଠ ସମ୍ପର୍କରେ କ'ଣ କହିଅଛି ?**

ଉ : ସାଳିଆ ନଈ କୂଳରେ ଭଗବତୀ ଠାକୁରାଣୀଙ୍କ ପୀଠ କେଉଁ କାଳରୁ ରହିଆସିଅଛି। ସେ ଠାକୁରାଣୀ ଜଗତ ତାରିଣୀ ବୋଲି ଖୁବ୍ ଖ୍ୟାତି ତା'ର। ଦୀନ, ଦୁଃଖୀରଙ୍କିଙ୍କର ସେ ସାହା ଭରସା। ଅନ୍ତତଃ ପକ୍ଷେ ଶାଶୁ ଘରକୁ ଗଲାଦିନ ସେହି ଭଗବତୀ ଠାକୁରାଣୀଙ୍କ ପାଖରେ ସବୁଦିନ ପାଇଁ ସାହା ଭରସା ହେବାକୁ ଭକ୍ତି ନୈବେଦ୍ୟ ସିକ୍ତ ପ୍ରାର୍ଥନା କରିଥାନ୍ତା। ସେତକ ଜାଇ କରିପାରିନାହିଁ ବୋଲି ଅତି ଦୁଃଖ ପ୍ରକାଶ କରିଛି।

**ଘ କିଏ ଲୁଚିଗଲା ବୋଲି ଜାଇ ଦୁଃଖ ପ୍ରକାଶ କରିଛି ?**

ଉ : ନାଆ ଗତି କରିଚାଲିଛି ସମତାଳରେ ଜାଇର ଚିନ୍ତା ଶୀଳତାର ଗତିରେ। ଦଣ୍ଡକ ମାତ୍ରକେ ନାଆ ଆସି ଚଢ଼େଇହଗା ପାହାଡ଼ ତଳେ ପହଞ୍ଚିଯାଇଛି, ଯେଉଁଠୁ ଘଣ୍ଟଶିଳା ଆଉ ଦେଖାଯାଉ ନାହିଁ। ଘଣ୍ଟଶିଳା ପାହାଡ଼ ଆଉ ସାଳିଆ ନଈ ବହୁ ଦୂରରେ ରହିଗଲାଣି ବୋଲି ଜାଇ ମନ ଦୁଃଖ କରିଛି।

# ମହିମା

**Extract-8**

"ପରତାପ ଲଭି ମହତ କରନ୍ତି

ପରକୁ ଆହ୍ଲାଦ ଦାନ

ସୁଶୀତଳ ଜଳ ଦାନ କରେ ରବି

ରଶ୍ମୀ ଲଭି ହିମଦାନ ।"

**ପ୍ରଶ୍ନ–୧ : ମହତଜନମାନେ କିପରି ବ୍ରତ ପାଳନ କରନ୍ତି ?**

**ଉତ୍ତର :** 'ପରୋପକାରାୟ ସ୍ୱର୍ଗାୟଃ ।' ଅନ୍ୟର ଉପକାର କଲେ ସ୍ୱର୍ଗଲାଭ କରନ୍ତି, ଏହା ମହତଜନଙ୍କର ଜୀବନର ପୁଣ୍ୟମୟ ବ୍ରତ । ଅନ୍ୟର ଉପକାର ହିଁ ମଣିଷ ଜୀବନର ଧର୍ମ । ମାନବ ସେବାହିଁ ମାଧବ ସେବା । ପରମ କାରୁଣିକ, ସର୍ବନିୟନ୍ତା ସେହିମାନଙ୍କଠାରେ ଖୁସି ହୋଇଥା'ନ୍ତି । ଯେଉଁମାନେ ଅନ୍ୟର ଉପକାରରେ ସମର୍ପିତ ଭାବ ପୋଷଣ କରିଥାନ୍ତି । ଏହା ଯୁଗେ ଯୁଗେ ପ୍ରମାଣିତ ହୋଇଅଛି । ଈଶ୍ୱରଙ୍କ ସୃଷ୍ଟିରେ ପ୍ରକୃତି ଜଗତର ବିଭିନ୍ନ ଉପାଦାନ ମଣିଷ ସମାଜର ଉପକାରରେ ଆସିଥାନ୍ତି ।

**ପ୍ରଶ୍ନ–୨ : ଉର୍ବୀ ଓ ଦିବାକର କିପରି ମଣିଷ ସମାଜର ଉପକାରରେ ଆସନ୍ତି ?**

**ଉତ୍ତର :** ସର୍ବଂସହା, ପୃଥିବୀ, ବାତ୍ସଲ୍ୟମୟୀ ମାଟି ମା' ସନ୍ତାନର ମୁହଁରେ ଝରାଇଦିଏ ଶସ୍ୟର କ୍ଷୀରଧାର, ନିର୍ବିକାର ଭାବେ ସହିନିଏ ହସି ହସି ସନ୍ତାନର ସବୁ ଅଳି ଅର୍ଦ୍ଦଳି । ଦୁଃଖ, ଯନ୍ତ୍ରଣା ତା'ର ଶରୀର ଓ ମନକୁ ପୁଷ୍ଟ କରି ଏକ ବୀର ସୈନିକ ପରି ତାକୁ ପଠାଇଦିଏ ଅନାଗତ ଭବିଷ୍ୟତର ଆହ୍ୱାନ ମଧକୁ । ଦିବାକର ଉଚ୍ଚ ନୀଚ, ଧନୀନିର୍ଦ୍ଧନ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖେ ଏବଂ ସମାଜର କଲ୍ୟାଣ ସାଧନ ପାଇଁ ଆଲୋକ ଓ ଉତ୍ତାପ ଦାନ କରିଥାଏ । କାହାରିକୁ ହୀନ ଦୃଷ୍ଟିରେ ଅଂଶୁମାନ ଦେଖିନଥାଏ କି ବିଚାର ମଧ କରିନଥାଏ । ପ୍ରକାରାନ୍ତରେ ଦିବାକର ମାନବ ସମାଜକୁ ଉତ୍ସର୍ଗୀକୃତ ମନୋଭାବ ପୋଷଣ କରିବାକୁ ଅଲକ୍ଷ୍ୟରେ ଇଙ୍ଗିତ ଦେଇଥାଏ ।

**ପ୍ରଶ୍ନ–୩ : ମହତ ଲୋକମାନେ ଅନ୍ୟକୁ କିପରି ଖୁସି କରନ୍ତି ?**

**ଉତ୍ତର :** ମହତ ଲୋକମାନେ ସାଧାରଣତଃ ଅନ୍ୟର ଉପକାର କରିବାକୁ ଜନ୍ମଲାଭ କରିଥା'ନ୍ତି । ପରର ଉପକାର କରିବାକୁ ହେଲେ ନିଜକୁ କଷ୍ଟ ଅନୁଭବ କରିବାକୁ ପଡ଼ିଥାଏ । ନିଜେ କଷ୍ଟ ଅନୁଭବ ନକଲେ ଅନ୍ୟକୁ ଆହ୍ଲାଦିତ କରି ହୋଇନଥାଏ । ସୁତରାଂ ନିଜେ କଷ୍ଟ ଦୁଃଖ ଆଉ କ୍ଲେଶ ବହନ କରି ମହତ ଲୋକମାନେ ଅନ୍ୟକୁ ସାହାଯ୍ୟ, ସହାନୁଭୂତି ଦେଖାଇଥାନ୍ତି । ନିଜେ ଦୁଃଖ କଷ୍ଟ ଅନୁଭବ ନକଲେ ଅନ୍ୟକୁ ଆନନ୍ଦିତ କରି ହୁଏନା । ଅତଏବ ମହତ ଲୋକମାନେ ଅନ୍ୟର ଦୁଃଖକୁ, ଅନ୍ୟର କ୍ଲେଶ ନିଜେ ବହନ କରିବାକୁ ପଛେଇ ନଥାନ୍ତି । ତେଣୁ ସ୍ୱଭାବ କବି ଗଙ୍ଗାଧର ମେହେର ଅନ୍ୟର ତାପ ଓ ଦୁଃଖ ସହିବାକୁ ଆନନ୍ଦିତ ତଥା ଆହ୍ଲାଦିତ ହେବାକୁ ମହିମା କବିତାରେ ଉପଦେଶ ଦେଇଅଛନ୍ତି ।

**ପ୍ରଶ୍ନ–୪ : ସୂର୍ଯ୍ୟ କିପରି ଜଳଦାନ କରିଥାନ୍ତି ?**

**ଉତ୍ତର :** ମହିମା କବିତାରେ କବି ପ୍ରକୃତି ମାଧମରେ ମହତ ଲୋକର ଚରିତ୍ର ବିଷୟରେ ବୁଝାଇ ଅଛନ୍ତି । ସୂର୍ଯ୍ୟ କେବଳ ମଣିଷ ସମାଜ ତଥା ଜୀବଜଗତକୁ ଆଲୋକ ଆଉ ଉତ୍ତାପ ଦାନ କରି ନଥାନ୍ତି । ଆଲୋକ ସହିତ ଜଳଧାରା ମଧ୍ୟ ଦାନ କରିଥାନ୍ତି । ପ୍ରାଣୀଜଗତ ଆଉ ଉଦ୍ଭିଦ ଜଗତକୁ ବିନା ଦ୍ୱିଧାରେ ସୂର୍ଯ୍ୟ ସକଳ ଶକ୍ତିର ଆଧାର । ଜଳଚକ୍ର ମାଧମରେ ଜଳକୁ ବାଷ୍ପ କରି ବାୟୁମଣ୍ଡଳକୁ ଉଠାଇ ତାକୁ ମେଘରେ ଅର୍ଥାତଃ ହିମକାଳରେ ପରିଣତ କରି ପୃଥିବୀ ପୃଷ୍ଠରେ ପ୍ରାଣୀଜଗତ ଓ ଉଦ୍ଭିଦ ଜଗତକୁ ବଞ୍ଚିବାରେ ସାହାଯ୍ୟ କରିଥାନ୍ତି ।

## Extract- 9

''ପରେ ଅପକୃତ ହେଲେହେଁ ମହତ
କରୁଥା'ନ୍ତି ଉପକାର,
ଘନ ଗ୍ରାସେ ରବି ରବି ଜରା କ୍ଲିଷ୍ଟ
ବାଷ୍ପରେ ଘନ ସଞ୍ଚାର ।''

**ପ୍ରଶ୍ନ–୧ : ମହତଜନମାନେ ସାଧାରଣତଃ କିପରି ବ୍ୟବହାର ଦେଖାଇଥା'ନ୍ତି ?**

**ଉତ୍ତର :** ମହତଜନମାନେ ସାଧାରଣତଃ ସର୍ବଦା ଉଚ୍ଚରେ ରହିଥାନ୍ତି ହେଲେ ସେମାନେ କେବେ ଆତ୍ମବଡ଼ିମା ଦେଖାଇ ନଥାନ୍ତି । ଗୁଣୀ ଓ ମହତ୍ ଲୋକମାନେ ସ୍ୱଭାବରେ ନମ୍ର ଓ ଅବନତ୍‌ମୁଖୀ । ସେମାନେ ସାଧାରଣତଃ ନମ୍ର, ଶାନ୍ତ ଆଉ ନମ୍ର ସ୍ୱଭାବରେ ଠିକ୍ ଯେପରି ସୂର୍ଯ୍ୟ, ଚନ୍ଦ୍ର ଓ ତାରାମାନେ ଏତେ ଉଚ୍ଚରେ ରହି ଅବନତ ମୁଖୀ ହୋଇ ପୃଥିବୀବାସୀ ତଥା ଉଦ୍ଭିଦ ଜଗତର ଉପକାର ସାଧନ କରିଥାନ୍ତି । ସେମାନେ ଅବନତ ମୁଖୀ ନହେଲେ ଜୀବଜଗତ ଜୀବନ ଧାରଣ କରିବା ଅସମ୍ଭବ ହୋଇପଡ଼ନ୍ତା । ସୁତରାଂ କବି ମଣିଷ ସମାଜକୁ ନତବଦନ ହେବାକୁ ଉପଦେଶ ଦେଇଅଛନ୍ତି ।

**ପ୍ରଶ୍ନ–୨ : ମହତଜନମାନେ ପରକୁ ସାହାଯ୍ୟ କରିବାରେ କ'ଣ ହୋଇଥା'ନ୍ତି ?**

**ଉତ୍ତର :** ବାସ୍ତବରେ ମହତ ଲୋକମାନେ ପରର ଉପକାର କରିବାକୁ ଯାଇ ବିପଦ ସାଗରରେ ବୁଡ଼ିଥା'ନ୍ତି । ନିଜେ କଷ୍ଟରେ ରହି ଅନ୍ୟର ଉପକାର କରିଥା'ନ୍ତି । ନିଜେ ଦୁଃଖରେ ରହି ଦୁଃଖୀଜନମାନଙ୍କୁ ସାହାଯ୍ୟ କରିଥାନ୍ତି । ନିଜେ ବିପନ୍ନ ହୋଇ ଅନ୍ୟକୁ ଆନନ୍ଦ ଦେଇଥାନ୍ତି । ନିଜେ ଉପବାସ ରହି ଅନ୍ୟକୁ ଅନ୍ନଦାନ କରିଥାନ୍ତି । ଠିକ୍ ଯେପରି ପଥିକ, ତୃଷ୍ଣା ନିବାରଣ ପାନ୍ଥଶାଳାର ସାହାଯ୍ୟ ନେଇଥାନ୍ତି । ପଥିକ ପାନ୍ଥଶାଳାରେ ରହି ପଥ କଷ୍ଟ ତଥା ଯାତ୍ରା ଦୁଃଖକୁ ଅପମୋଦନ କରିଥାଏ । ଆହୁରି ମଧ୍ୟ ମରୁଯାତ୍ରୀମାନେ ବୃକ୍ଷ ଛାଇରେ ବସି ଦୁଃଖ କଷ୍ଟକୁ ଲାଘବ କରିଥାନ୍ତି । ମହତଜନମାନେ ଅପକୃତ ହେଲାବେଳେ ଦୁଃଖିଜନମାନେ ଉପକୃତ ହୋଇଥାନ୍ତି ।

**ପ୍ରଶ୍ନ–୩ : ଦରିଦ୍ର ଲୋକମାନଙ୍କର ଉନ୍ନତି ଦେଖିଲେ ମହତଜନମାନେ କ'ଣ ଅନୁଭବ କରିଥାନ୍ତି ?**

**ଉତ୍ତର :** ମହତଜନମାନେ ସାଧାରଣତଃ ସ୍ୱଭାବରେ ଉଦାର ଆଉ ଆର୍ଦ୍ର ଚରିତ୍ରର । ତେଣୁ ଦରିଦ୍ର ଲୋକମାନଙ୍କର ଉନ୍ନତିରେ ସେମାନେ ଈର୍ଷାପରାୟଣ ନହୋଇ ଆନନ୍ଦ ଲାଭ କରିଥାନ୍ତି । ସେମାନେ ସନ୍ତୋଷ ଲାଭ କରନ୍ତି ଅନ୍ୟର ବୃଦ୍ଧିରେ । ଏଥିସହିତ କବି ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କରିଅଛନ୍ତି । ଦିବସର ବୃଦ୍ଧିରେ, ସୂର୍ଯ୍ୟଙ୍କର ପ୍ରିୟା କମଳିନୀ ଯେପରି ବିକାଶ ଲାଭ କରିଥାଏ ଠିକ୍ ସେହିପରି ଅନ୍ୟର ଉନ୍ନତିରେ ମହତଜନ ବା ସାଧୁଜନମାନେ ଈର୍ଷାପରାୟଣ ନହୋଇ ସ୍ୱତଃ ପ୍ରବୃତ୍ତ ଭାବରେ ଉତ୍‌ଫୁଲ୍ଲିତ ତଥା ଆନନ୍ଦ ଲାଭ କରିଥା'ନ୍ତି ।

**ପ୍ରଶ୍ନ–୪ : ଜଗତର ହିତ ସାଧନ ପାଇଁ ମହତ ଲୋକ କ'ଣ କରିପାରନ୍ତି ?**

**ଉତ୍ତର :** ଜଗତର ହିତ ଲାଗି ମହତଜନମାନେ ଜୀବନ ଦାନ କରିପାରନ୍ତି । ଜୀବନ ଉତ୍ସର୍ଗ କରିବା ମହତଜନମାନଙ୍କର ବାସ୍ତବ ଚିନ୍ତାଧାରା ହୋଇଥାଏ । ସେ ଜଗତର ମଙ୍ଗଳ କାମନା କରିଥାନ୍ତି ସର୍ବଦା । ଜଗତର ହିତ ଲାଗି ସବୁକିଛି ତୁଚ୍ଛ କରିପାରନ୍ତି, ଏପରିକି ଜୀବନ ଦେବାକୁ ବାଜି ଲଗାଇଥାନ୍ତି, ଠିକ୍ ଯେପରି ଚନ୍ଦ୍ରମା ନିଜର ଶରୀରକୁ ଅପଘନ କରି ପୃଥିବୀପୃଷ୍ଠକୁ କିରଣ ବିତରଣ କରିଥାଏ, ପୃଥିବୀ ପୃଷ୍ଠକୁ ଶୀତଳ କିରଣ ବିଚ୍ଛୁରିତ କରିଥାଏ । ପୃଥିବୀ ପୃଷ୍ଠକୁ ଶାନ୍ତ ଆଉ ସ୍ନିଗ୍ଧ କିରଣରେ ଉଜ୍ଜ୍ୱଳମୟ କରିବାରେ ସାହାଯ୍ୟ କରିଥାଏ ।

## Extract - 10

''ଆନନ୍ଦେ ବିଷାଦେ ସମଭାବେ ପାନ୍ତି
ମହତ୍ ସ୍ୱଭାବ ଧରି
ପୂର୍ଣ୍ଣିମାରେ ଯଥା ନାଚଇ ସାଗର
ଅମାବାସ୍ୟାରେ ସେପରି ।''

ପ୍ରଶ୍ନ–୧ : ବିପଦ ସମୟରେ ମହତଜନର କ'ଣ ହୁଏ ନାହିଁ ?

ଉତ୍ତର : ବିପଦ ସମୟରେ ମହତଜନର ଧୈର୍ଯ୍ୟ ଭଙ୍ଗ ହୁଏ ନାହିଁ । ସେ ବିପଦ ଏବଂ ସମ୍ପଦ ସମ୍ପର୍କରେ ସମଦର୍ଶୀ ଭାବ ପୋଷଣ କରିଥାଏ । ଅର୍ଥାତଃ ବିପଦ ସମୟରେ ମହତଜନ କାତର ହୁଏ ନାହିଁ କି ସମ୍ପଦ ସମୟରେ ଉତ୍‌ଫୁଲ୍ଲିତ ହୁଏ ନାହିଁ । ଉଭୟ ସମୟରେ ସେ ସ୍ଥିର । ସୁନାକୁ ଯେପରି ଆଉଟିଲେ ଉଚ୍ଛଳି ଉଠେ ଏବଂ ତାକୁ ଯେତେ ପ୍ରକାର ଦେଲେ ମଧ୍ୟ ସେହି ସୁନାପରି ରହିଥାଏ ।

ପ୍ରଶ୍ନ–୨ : ପୂର୍ଣ୍ଣିମା ଓ ଅମାବାସ୍ୟା ତିଥିରେ କ'ଣ ହୋଇଥାଏ ?

ଉତ୍ତର : ପୂର୍ଣ୍ଣିମା ହେଉଛି ଆଲୋକର ପ୍ରତୀକ ଏବଂ ଅମାବାସ୍ୟ ହେଉଛି ଅନ୍ଧକାରର ପ୍ରତୀକ । ପୂର୍ଣ୍ଣିମା ରାତିରେ ସମୁଦ୍ରରେ କୁଆର ଉଠିଥାଏ । ଅପରପକ୍ଷରେ ଅମାବାସ୍ୟା ରାତିରେ ମଧ୍ୟ ସାଗରରେ କୁଆର ଉଠେ । ଉଭୟ ତିଥିରେ କୌଣସି ପରିବର୍ତ୍ତନ ହୋଇନଥାଏ । ଠିକ୍ ସେହିପରି ମହତ୍‌ଜନ କୌଣସି ପରିସ୍ଥିତିରେ କୁସଙ୍ଗ ସହିତ ମିଶିବାର ଦେଖାଯାଏନି କି କୌଣସି ପରିସ୍ଥିତିରେ ମହତ୍‌ଜନଙ୍କ ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ସମ୍ଭବ ନୁହେଁ ।

ପ୍ରଶ୍ନ–୩ : ମୂଢ଼ଜନମାନେ ମହତଜନର ମୂଲ୍ୟ କାହିଁକି ବୁଝିପାରନ୍ତି ନାହିଁ ?

ଉତ୍ତର : ମୂଢ଼ଜନମାନଙ୍କର ଆଚରଣ ସର୍ବଦା ଅନ୍ୟାୟ, ଅନୀତି ଓ ଅଧର୍ମର ଖେଳ । ମହତଜନମାନେ ସର୍ବଦା ସତ୍ୟନିଷ୍ଠ, ସତ୍ୟସନ୍ଧ, ଧର୍ମକୁ ଆଦର କରି କର୍ମ କରନ୍ତି । ତେଣୁ ଦୁଷ୍ଟ ପ୍ରକୃତିର ଲୋକମାନେ ମହତଜନମାନଙ୍କର ମହତ୍ୱକୁ ବୁଝିପାରନ୍ତି ନାହିଁ, ଯେପରି ସର୍ବଶକ୍ତିର ମୂଳାଧାର ସୂର୍ଯ୍ୟଙ୍କୁ ତାରାମାନେ ଦୀପତୁଲ୍ୟ ମନେକରନ୍ତି । ଏହା ଅତ୍ୟନ୍ତ ହାସ୍ୟାସ୍ପଦ ଚିନ୍ତାଧାରା । ତାରାଗଣଯେ, ହୀନ ଓ ନଗଣ୍ୟ ଏବଂ କିଞ୍ଚିତ ମାତ୍ର ସୂର୍ଯ୍ୟଙ୍କ ନିକଟତର । ଠିକ୍ ସେହିପରି ମୂଢ଼ଜନମାନେ, ମହତଜନଙ୍କ ପାଖରେ ହୀନତୁଲ୍ୟ । ସେମାନଙ୍କ ମୂଲ୍ୟ ବୁଝିବା ମୂଢ଼ଜନମାନଙ୍କ ପାଖରେ କଷ୍ଟ ।

ପ୍ରଶ୍ନ–୪ : ମହତଜନମାନଙ୍କରେ କଳଙ୍କ ଲଗାଇବା କାହିଁକି କଷ୍ଟସାଧ୍ୟ ?

ଉତ୍ତର : ମହତଜନଙ୍କ ଚରିତ୍ରରେ ଦୋଷାରୋପ କରିବା ଅତ୍ୟନ୍ତ ପରିତାପର ବିଷୟ ଏବଂ ନୀଚତାର ଉଦାହରଣ । ଯୁଗେ ଯୁଗେ ଧର୍ମ ଓ ସତ୍ୟର ମହତ୍ତ୍ୱ ରହିଆସିଛି ଏବଂ ରହିବ ମଧ୍ୟ । ମହତର ମହିମା ଅକ୍ଷୟ ଏବଂ ଅକ୍ଷୁର୍ଣ୍ଣ । ମହତ୍ କେବେ ଅପଚୟ ହୋଇନପାରେ । ସତ୍ୟ ଓ ଧର୍ମ କେବେ ପରାଜୟ ବରଣ କରିପାରେ ନାହିଁ । ମହିମା ସବୁବେଳେ ମହିମାମୟ, ଗାରିମାମୟ ଓ ଶ୍ରେଷ୍ଠତ୍ୱର ପରିଚୟ ପ୍ରଦାନ କରିଥାଏ । ଅତଏବ ମହିମା ସର୍ବଦା ଗରିମାମୟ ।

# ବନଫୁଲ ଉଦ୍ୟାନ କୁସୁମ

**Extract-11**

"ଏତ ବନଫୁଲ          ଚିର ଅନାଦରେ
        ଫୁଟିଛି କଣ୍ଟକ ବେଢ଼ାରେ
ଆନ ଗୋଟିକ ତ          ଉଦ୍ୟାନ କୁସୁମ
        ବଢ଼ିଛି କେତେ ଶ୍ରଦ୍ଧାରେ ।"

**ପ୍ରଶ୍ନ–୧ : ମହତଜନମାନେ କିପରି ବ୍ରତ ପାଳନ କରନ୍ତି ?**

**ଉତ୍ତର :** ପ୍ରତ୍ୟେକ ଶିଶୁର ଆଖିରେ ଶାମୁକାଏ ସ୍ୱପ୍ନ । ମୁହଁରେ ଚେନାଏ ହସ । ସୁନା ରଙ୍ଗର ସୂର୍ଯ୍ୟଙ୍କ ଖଳାରେ ଛମ୍ ଛମ୍ ହୋଇ ନାଚେ । ଠିକ୍ ସେହିପରି ଟିକି ଘାସ ଫୁଲଟିଏ ପ୍ରତି ପଦ ପାତନରେ ମରି ପୁଣି ବଞ୍ଚିବାକୁ ଚେଷ୍ଟା କରେ । ହେଲେ ଡାଲିଆ, ଡାଫୋଡିଲ୍, ଜୁଇ, ଯାଇ, ମାଳତୀ ମଧରେ କିଏ ଅନୁଭବ କରେ ନାହିଁ ଟିକି ଘାସ ଫୁଲଟିର ଅସ୍ତିତ୍ୱକୁ । ତେଣୁ ଉଦ୍ୟାନରେ ଫୁଟିଥିବା ଫୁଲକୁ ସମସ୍ତେ ସ୍ନେହ କରନ୍ତି, ଆଦର କରନ୍ତି । ଈଶ୍ୱରଙ୍କ ଗଳାରେ ପିନ୍ଧାଇବାରେ ଶ୍ରଦ୍ଧା ଅନୁଭବ କରନ୍ତି । ଅରଣ୍ୟରେ ଫୁଟିଥିବା ଫୁଲକୁ ହତାଦର ଏବଂ ଅନାଦର କରନ୍ତି ।

**ପ୍ରଶ୍ନ–୨ : ଉଦ୍ୟାନ କୁସୁମ କାହିଁକି ଆଦରର ପାତ୍ର ହୋଇଥାଏ ?**

**ଉତ୍ତର :** ଉଦ୍ୟାନ କୁସୁମ ମାଳିର ଯତ୍ନରେ ବଢ଼ିଥାଏ । ଅତି ସ୍ନେହ, ଶ୍ରଦ୍ଧା, ଯତ୍ନ ଏବଂ ଆଦରରେ ଉଦ୍ୟାନ କୁସୁମକୁ ରଖିଥାଏ ଉଦ୍ୟାନର ରକ୍ଷକ । ବଣର ମଲ୍ଲୀ ବଣରେ ଫୁଟି ଝଡ଼ି ପଡ଼ିଥାଏ । କେହି ତା'ର ସନ୍ଧାନ ପାଇ ନଥାନ୍ତି କେବଳ ବାସ୍ନାରୁ ବାରିପାରନ୍ତି ମଲ୍ଲୀର ସ୍ଥିତିକୁ । ହେଲେ ଉଦ୍ୟାନ କୁସୁମକୁ ଉଦ୍ୟାନର ମାଳିକ ସହିତ ପଥଚାରୀମାନେ ମଧ ଅବଲୋକନ କରି ଆମୋଦିତ ହୋଇଥାନ୍ତି ।

**ପ୍ରଶ୍ନ–୩ : ମାଳି ଉଦ୍ୟାନ କୁସୁମର କିପରି ଯତ୍ନ ନେଇଥାଏ ?**

**ଉତ୍ତର :** ଚାରା ରୋପଣ କଲା ଦିନଠାରୁ ଶ୍ରଦ୍ଧା ସୁମନ ଫୁଟିବା ପର୍ଯ୍ୟନ୍ତ ମାଳି ଉଦ୍ୟାନ କୁସୁମର ଯତ୍ନ ନେଇଥାଏ । ପ୍ରଥମେ ସେ ଛୋଟ ଚାରାଟିଏ ରୋପଣ କରିଥାଏ ସ୍ନେହ ସୋହାଗରେ । ଅତି ଯତ୍ନରେ ସେ ଚାରା ଗଛର ମୂଳରେ ପାଣି ଦେଇ ଫୁଲ ଗଛଟିକୁ ବଢ଼େଇଥାଏ । ଅନାବନା ଗଛକୁ ସେ ଉପାଡ଼ି ଅରମା ଡାଳକୁ ସଜାଡ଼ି ଫୁଲଗଛକୁ ସଯତ୍ନରେ ବଢ଼େଇଥାଏ । ସେହି ଶ୍ରଦ୍ଧା ସୁମନ ବସନ୍ତ ଅନିଳକୁ ଅପେକ୍ଷା କରିଥାଏ ମୁଣ୍ଡ ହଲାଇ କଥା କହିବାକୁ ।

**ପ୍ରଶ୍ନ–୪ : ଉଦ୍ୟାନ କୁସୁମ ଫୁଟିଲା ପରେ କ'ଣ କରିଥାଏ ?**

**ଉତ୍ତର :** ଫୁଟିଲା ଫୁଲର ସମ୍ମୋହନରେ ସମ୍ମୋହିତ କରିଥାଏ ଉଦ୍ୟାନ କୁସୁମ । ସୌନ୍ଦର୍ଯ୍ୟର ଅଫୁରନ୍ତ ବାସ୍ନାରେ ଆନ୍ତରିକତା ନେଇ ଆପଣାର କରିଥାଏ ଦେଖଣାହାରୀକୁ । ଅତି ଆଦରରେ ଅନାଇ ରହନ୍ତି ଉଦ୍ୟାନର ସ୍ନେହ ସୁମନକୁ କୁସୁମ ଅନୁରାଗୀମାନେ । ସୁଗନ୍ଧିତ ବାସ୍ନାରେ ଆମୋଦିତ କରିଥାଏ ଉଦ୍ୟାନ କୁସୁମ । ଉଦ୍ୟାନ କୁସୁମକୁ ଯେତେଥର ଦେଖିଲେବି ସେ ନୂଆ ଦିଶୁଥାଏ ଆଖିକୁ । ଉଦ୍ୟାନ କୁସୁମର କୋମଳତା, ସ୍ନିଗ୍ଧତାର ନରମ ସ୍ପର୍ଶ ଆହ୍ଲାଦିତ କରିଥାଏ କୁସୁମ ଅନୁରାଗୀମାନଙ୍କୁ ।

**Extract-12**

"ଲୋକ ଆଖି ସିନା          ଦେଖି ନପାରିଲା
        ନବୁଝିଲା ଗୁଣ ତାହାର
ଅଳିତ ଚିହ୍ନିଲା          ଫୁଲ ଯୁଗଳକୁ
        କେତେ ରୂପ ଗୁଣ କାହାର ।"

ପ୍ରଶ୍ନ–୧ : ବନଫୁଲକୁ କାହିଁକି ମଣିଷ ସମାଜ ବୁଝିପାରୁ ନାହିଁ ?

ଉତ୍ତର : ଅରଣ୍ୟର ଫୁଲ ସର୍ବଦା ଅବହେଳିତ । ବଣରେ ଫୁଟି ବଣରେ ଝଡ଼ିବା ହିଁ ତା'ର ଧର୍ମ । କେହି ତାକୁ ଅଗ୍ରାଧିକାର ଦେଇନଥାନ୍ତି । ବଣ ମଲ୍ଲୀର ବାସ୍ନା ହିଁ ଅରଣ୍ୟ ପ୍ରଦେଶର ଅବହେଳିତ ପରିଧି ମଧ୍ୟରେ ସୃଷ୍ଟି ହୋଇ ଝଡ଼ିବା ହିଁ ତା'ପାଖରେ ଶ୍ରେଷ୍ଠ ହୋଇଥାଏ । ଠାକୁରଙ୍କ ପୂଜାରେ, ଅବଳାର ଗଭୀରେ, ଶବଧାରରେ, ମଧୁଶଯ୍ୟାର ଶେଯରେ ତାହା ଶୋଭାପାଏନି । ଅରଣ୍ୟର ସୁମନ ସେ ଅଧିକାରରୁ ବଞ୍ଚିତ ହୋଇଥାଏ ।

ପ୍ରଶ୍ନ–୨ : ଅରଣ୍ୟର ସୁମନକୁ କିଏ ବୁଝିପାରିଛି ?

ଉତ୍ତର : ସୁମନର ଧର୍ମ, ମଧୁପକୁ ଆମନ୍ତ୍ରଣ କରିବା । ସେ ସ୍ଥଳ, ସ୍ଥାନ ନିର୍ବିଶେଷରେ ମହୁମାଛିକୁ ନିମନ୍ତ୍ରଣ କରେ । ସେ ଯେଉଁଠି ନା ଯେଉଁଠି ଫୁଟିଥାଉ ମହୁମାଛି କେବେ ଅବହେଳିତ ଦୃଷ୍ଟିରେ ଦେଖେ ନାହିଁ ତାକୁ । ସେ ରସସିକ୍ତ ଫୁଲକୁ ଖୋଜି ବାହାର କରିବ । ଏ ଫୁଲରୁ ସେ ଫୁଲକୁ ଡେଇଁ ମଧୁପ ରସ ଆହରଣ କରିବ । ଉଦ୍ୟାନର ଫୁଲ ଯେତିକି ମାତ୍ରାରେ ମହୁମାଛିର ଅନ୍ତରଙ୍ଗ, ଅରଣ୍ୟର ସୁମନ ମଧ୍ୟ ସେତିକି ମାତ୍ରାରେ ନିଜର । ତେଣୁ ମାଳି ନବୁଝିଲେ ମଧ୍ୟ ଅଳି ବୁଝିପାରିଛି ଫୁଲର ଗୁଣକୁ ଆଉ ତାରିଫ୍ କରିଛି ତା'ର ବାସ୍ନାକୁ ।

ପ୍ରଶ୍ନ–୩ : ବନଫୁଲର ଅତି ଅନ୍ତରଙ୍ଗ କିଏ ?

ଉତ୍ତର : ବନଫୁଲର ଅତି ଅନ୍ତରଙ୍ଗ ତା'ର ଅତିପ୍ରିୟ ମଧୁପ । ବନ୍ଧ, ବାଡ଼, କଣ୍ଟାଝଣ୍ଟା ନମାନି ତା' ଆଡ଼କୁ ଉଡ଼ିବୁଲେ । ସେ ଘଞ୍ଚ ଅରଣ୍ୟ ମଧ୍ୟରେ ଥିଲେ ମଧ୍ୟ ତା' ପ୍ରତି ଅତି ମାତ୍ରାରେ ଆସକ୍ତି ହୋଇଥାଏ ମଧୁପ । ବନଫୁଲ ମଣିଷ ସମାଜର ଆଢୁଆଳରେ ରହିଥାଏ । ହେଲେ ମହୁମାଛିର ତୀକ୍ଷ୍ଣ ଦୃଷ୍ଟି ମଧ୍ୟରେ ଥାଏ ସେ । ତେଣୁ ନାରୀ କବି କୁନ୍ତଳା କୁମାରୀ ସାବତ ବଣରେ ଫୁଟିଥିବା ଫୁଲ ଓ ବଗିଚାରେ ଫୁଟିଥିବା ଫୁଲର ଏକ ମାର୍ମିକ ତୁଳନା କରିଛନ୍ତି କବିତାରେ ।

ପ୍ରଶ୍ନ–୪ : 'ବନଫୁଲ ଉଦ୍ୟାନ କୁସୁମ' କେଉଁ କାବ୍ୟ ସଂକଳନରୁ ଗୃହୀତ ହୋଇଅଛି ?

ଉତ୍ତର : ନାରୀ କବି କୁନ୍ତଳା କୁମାରୀ ସାବତଙ୍କର ଯଦିଓ ବୃତ୍ତି ଥିଲା ଡାକ୍ତରୀ ବିଦ୍ୟା, ତାଙ୍କର ନିଶା ଥିଲା ସାରସ୍ୱତ ସାଧନ । ସ୍ୱଳ୍ପ ଜୀବନକାଳ ମଧ୍ୟରେ ସାରସ୍ୱତ ସୃଷ୍ଟିରେ କୋଣାର୍କ ନିର୍ମାଣ କରିଯାଇଅଛନ୍ତି । ମାତ୍ର ଅଠତିରିଶ ବର୍ଷର ଜୀବନକାଳ ମଧ୍ୟରେ ତାଙ୍କ ଅମୀୟ ଲେଖନୀ ନିସୃତ ଅଞ୍ଜଳି, ଅର୍ଚ୍ଚନା, ଉଲ୍ଲାସ, ସ୍ଫୁଲିଙ୍ଗ, ଆହ୍ୱାନ, ପ୍ରେମ ଚିନ୍ତାମଣି ପରି ଅମୂଲ୍ୟ କବିତା ସଂକଳନ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । 'ବନଫୁଲ ଉଦ୍ୟାନ କୁସୁମ' କବିତାଟି 'ଅର୍ଚ୍ଚନା' କବିତା ସଂକଳନରୁ ଗୃହୀତ ।

## Extract-13

"ଏ ତ ବନଫୁଲ ଚିର ଅନାଦରେ
ଫୁଟିଛି କଣ୍ଟକ ବେଢ଼ାରେ,
ଆନ ଗୋଟିକ ତ ଉଦ୍ୟାନ କୁସୁମ
ବଢ଼ିଛି କେତେ ସେ ଶ୍ରଦ୍ଧାରେ ।"

ପ୍ରଶ୍ନ–୧ : ବନଫୁଲକୁ କିଏ କାହିଁକି ଆଦର କରେ ନାହିଁ ?

ଉତ୍ତର : ବଣରେ ଫୁଟିଥିବା ଫୁଲ ଚିରଦିନ ଅନାଦାରରେ ବଢ଼େ । ବଣରେ ଫୁଟିଥିବାରୁ ସାଧାରଣତଃ ଲୋକଙ୍କ ଦୃଷ୍ଟିରେ ଆସି ନଥାଏ । ତେଣୁ ସୁନ୍ଦର ସୁବାସିତ ଫୁଲଟି ଫୁଟିକରି ଝଡ଼ି ଯାଇଥାଏ ସିନା କାହାରି ଆଦର ପାଇବା ଭଳି ସୁଯୋଗ ତାକୁ ମିଳେ ନାହିଁ ।

ପ୍ରଶ୍ନ–୨ : କଣ୍ଟକ ବେଢ଼ା କାହିଁକି ଥାଏ ?

ଉତ୍ତର : ପ୍ରକୃତି ସମସ୍ତଙ୍କର ମା' । ତେଣୁ ଛୋଟ ବଡ଼ ସମସ୍ତଙ୍କର ଯତ୍ନ ନିଏ । ଫୁଲର ସୂକ୍ଷ୍ମ କୋମଳ ଦେହକୁ ଶତ୍ରୁଠାରୁ ରକ୍ଷା କରିବା ପାଇଁ ପ୍ରକୃତି ତାକୁ କଣ୍ଟାଡାଳରେ ଘୋଡ଼ାଇଦିଏ । ସେଥିପାଇଁ କଣ୍ଟକ ବେଢ଼ା ଥାଏ ।

**ପ୍ରଶ୍ନ–୩ : ଉଦ୍ୟାନ ଫୁଲ ଅଧିକ ଶ୍ରଦ୍ଧା ପାଇବାର କାରଣ କ'ଣ ?**

**ଉତ୍ତର :** ବଗିଚାଟି ମାଳିର ଯତ୍ନରେ ତିଆରି, ମାଳି କେତେ ଯତ୍ନରେ ଚାରାଗଛ ଲଗାଏ; ନିୟମିତ ପାଣି ଦିଏ । ଗଛଟି ତାରି ହାତର ସ୍ନେହସ୍ପର୍ଶ ପାଇ ବଢ଼େ, କଢ଼ଟିଏ ହେବାଦିନୁ ଫୁଲ ଫୁଟିବା ଯାଏ କେତେ ଶ୍ରଦ୍ଧା ପାଉଥାଏ । କେବଳ ମାଳି ନୁହେଁ ବଗିଚାର ମାଲିକ ପରିବାର ସେବାଟେ ଯିବାଆସିବା ଲୋକେ ସମସ୍ତଙ୍କର ନଜର ପଡ଼ିଥାଏ ବଗିଚାର ଫୁଲ ଉପରେ । ଫୁଲର ରୂପ ସମସ୍ତଙ୍କୁ ଆତ୍ମହରା କରେ ।

**ପ୍ରଶ୍ନ–୪ : କବି କେଉଁ କଥାକୁ ବିଦ୍ରୁପ କରିଛନ୍ତି ?**

**ଉତ୍ତର :** ଫୁଲ ତ ଫୁଲ, ରୂପ, ଗୁଣ, ମହକ ସବୁ ମହାନ । କିନ୍ତୁ ଗୋଟିଏ ବଣରେ ଫୁଟିଛି ବୋଲି ତାକୁ କେହି ଦେଖୁନାହାନ୍ତି କି ପଚାରୁ ନାହାନ୍ତି । କିନ୍ତୁ ବଗିଚାର ଫୁଲ ଏକାଭଳି ହେଲେ ବି ଅନେକ ଲୋକଙ୍କ ଦୃଷ୍ଟିରେ ପଡୁଥିବାରୁ କେତେ ଆଦର ପ୍ରଶଂସା ପାଏ । କବି ଏହି କଥାକୁ ବ୍ୟଙ୍ଗକରି କହିଛନ୍ତି ଯେ ରୂପ, ଗୁଣ ନୁହେଁ ଯେ ଯେତେ ଲୋକଙ୍କ ଦୃଷ୍ଟିରେ ପଡ଼ିପାରିଲା ତାର ଆଦର ବେଶି । ହୁଏତ କାରଣ ଏବେ ବିଜ୍ଞାପନର ଯୁଗ ।

## Extract-14

"ଲୋକ ଆଖି ସିନା ଦେଖି ନ ପାରିଲା
ନ ବୁଝିଲା, ଗୁଣ ତାହାର
ଅଳି ତ ଚିହ୍ନିଲା ଫୁଲ ଯୁଗଳକୁ,
କେତେ ରୂପଗୁଣ କାହାର ।"

**ପ୍ରଶ୍ନ–୧ : ଲୋକ ଆଖିର ସ୍ୱାଭାବିକ ଧର୍ମ କ'ଣ ?**

**ଉତ୍ତର :** ଲୋକେ ଏପରି ଯେ ଯାହା ଦେଖନ୍ତି ତାହାରି ପ୍ରଶଂସା କରୁଥାନ୍ତି । ତାଙ୍କର ଅହେତୁକ ସ୍ନେହ ଅଜାଡ଼ି ହୋଇପଡ଼େ । ଯାହା ତାଙ୍କ ଦୃଷ୍ଟିରେ ଆସେ ନାହିଁ ତାହାର ମୂଲ୍ୟ କାହା ନିକଟରେ ନଥାଏ ।

**ପ୍ରଶ୍ନ–୨ : ସେ କାହାର କେଉଁ ଗୁଣ ବୁଝିପାରେ ନାହିଁ ?**

**ଉତ୍ତର :** ଯେଉଁ ଜିନିଷଟି ଯେତେ ଭଲ ହେଲେ ବି, ଯେତେ ସୁନ୍ଦର ହେଲେ ବି ଯଦି କାହାର ନଜର ପଡ଼େ ନାହିଁ, ସେ ସେହିପରି ସଢ଼ିଯାଏ । କୌଣସି ଭଲ ଜିନିଷର ଅସ୍ତିତ୍ୱ ବିଷୟରେ ସନ୍ଧାନ କରିବା ମଧ୍ୟ ତା ଦୃଷ୍ଟିର ବାହାର ହୁଏ ।

**ପ୍ରଶ୍ନ–୩ : ମହୁମାଛିକୁ କବି କାହିଁକି ପ୍ରଶଂସା କରିଛନ୍ତି ?**

**ଉତ୍ତର :** ମହୁମାଛି ଫୁଲର ରସିକ, ଫୁଲଟି ସୁନ୍ଦର ବଗିଚାରେ ଥାଉ କି ଅଗନା ଅଗନି ବଣରେ ଥାଉ ମହୁମାଛି ତାକୁ ଖୋଜି ଖୋଜି ସନ୍ଧାନ ନିଏ । ତାକୁ ଆଦର କରେ, ମନ ଭରି ପ୍ରେମ କରେ, ମହୁ ସଂଗ୍ରହ କରେ, ତା'ର ସ୍ନେହରେ ଦୁଇଟିଯାକ ଫୁଲକୁ ଘୋଡ଼ାଇ ରଖେ । ତେଣୁ ମହୁମାଛିର ଏହି ନିରପେକ୍ଷ ଯତ୍ନ ଓ ଶ୍ରଦ୍ଧା କବିଙ୍କ ପ୍ରଶଂସାର ପାତ୍ର ହୋଇଛି ।

**ପ୍ରଶ୍ନ–୪ : ଏ କବିତାରୁ ଆମକୁ କି ଶିକ୍ଷା ମିଳେ ?**

**ଉତ୍ତର :** କବିତାଟି ଅତ୍ୟନ୍ତ ଶିକ୍ଷଣୀୟ । ଅତି ସାଧାରଣ ପରିବେଶରେ ବଢ଼ିଥିବା ମେଧାବୀ ପିଲାଟିଏ ଯତ୍ନ ଓ ସୁବିଧା ସୁଯୋଗ ଅଭାବରୁ ବଢ଼ିପାରେ ନାହିଁ, କିନ୍ତୁ ଅନୁକୂଳ ପରିବେଶରେ ସାଧାରଣ ପିଲାଟିଏ ମଧ୍ୟ ଅତି ଅଧିକ ଯତ୍ନ ଓ ସୁଯୋଗ ପାଇ ସଫଳତା ହାସଲ କରେ । କିନ୍ତୁ ସମ୍ବେଦନଶୀଳ ସମାଜ ଦୁହିଁଙ୍କୁ ଆଦର କରେ ।

–୦–୦–

## ଜଗତେ କେବଳ

## Extract - 15

ଅଲକତ ଦ୍ରବ ନୟନେ ବୋଳି

ରସାଳ ଗହଳ ଶାଖାରେ ଖେଳି

କବଳ କରୁ ତା' କଳିକଳାପ

କାକ କି କରିବ ପଞ୍ଚମାଳାପ ?

ପ୍ର: (କ) ଅଳତା ଚେହେରାରେ କି ପରିବର୍ତ୍ତନ ଆଣେ ?

ଉ:ଅଳତା ନାଲି ରଙ୍ଗର ତରଳ ପଦାର୍ଥ । ମହିଳାମାନେ ଏହାକୁ ପାଦର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ବ୍ୟବହାର କରନ୍ତି । କାଉର ଆଖି କଳା କୋଇଲି ଆଖିରେ ନାଲି ଥାଏ । ସେଥିପାଇଁ କାଉ ଆଖିରେ ଅଳତା ଲଗାଇ କୋଇଲି ପରି ଦେଖାଯିବାକୁ ଚେଷ୍ଟା କରିବା କଥା କୁହାଯାଇଛି ।

ପ୍ର: (ଖ)ଆମ୍ବଡ଼ାଳରେ ଖେଳିଲେ କି ଲାଭ ହେବ ?

ଉ: କୋଇଲି ଆମ୍ବ ବଉଳ ଓ ଆମ୍ବ ଖାଇବାକୁ ଭଲ ପାଏ । କାଉ ଭାବୁଛି ଆମ୍ବ ଡ଼ାଳରେ ଖେଳି ବଉଳ ଖାଇଲେ କାଳେ ସେ କୋଇଲି ପାଲଟି ଯିବ ।

ପ୍ର: (ଗ) କୋଇଲି ଆମ୍ବ ବଉଳ ଖାଏ କାହିଁକି ?

ଉ: ସମସ୍ତ ପଶୁ ପକ୍ଷୀମାନଙ୍କର ନିଜସ୍ୱ ପ୍ରିୟ ଖାଦ୍ୟ ଥାଏ । ସେହିପରି କୋଇଲିର ପ୍ରିୟ ଖାଦ୍ୟ ଆମ୍ବ ବଉଳ । ସେ ଆମ୍ବ ଫଳୁଥିବା ବସନ୍ତ ଋତୁରେ କେବଳ ଦେଖାଯାଏ ।

ପ୍ର: (ଘ) ଯେତେ ଯତ୍ନ କଲେ ବି କାଉ କୋଇଲି ପରି ରାବିପାରିବ ନାହିଁ ବୋଲି କବି କାହିଁକି କହିଛନ୍ତି ?

ଉ: କୋଇଲି ଏକ ପ୍ରକାର ପକ୍ଷୀ ଯାହାର ସ୍ୱର ଅତି ମଧୁର । ତେଣୁ ସେ ଲୋକ ପ୍ରିୟ । ତାହାର ଲୋକ ପ୍ରିୟତା ପ୍ରତି ଇର୍ଷାପର ହୋଇ ଡାଂଉ ନିଜକୁ କୋଇଲି ପରି କରିବାକୁ ଚେଷ୍ଟା କଲେ ବିଫଳ ହେବ, ଫଳରେ ଲୋକ ହସା ହେବ । ଇଶ୍ୱର ତାକୁ ଯେପରି କରିଛନ୍ତି ସେ ସେଥିରେ ସନ୍ତୁଷ୍ଟ ହେବା ଉଚିତ ।

## Extract-16

ଚଞ୍ଚୁ ଚରଣେ ଲଗାଇ ହିଙ୍ଗୁଳ

ନିଜ ତୁଣ୍ଡେ ମଣ୍ଡି ଖଣ୍ଡ ମୃଣାଳ

ଚାଲୁ ପୂର୍ବ ଅଙ୍ଗ ବୁଲାଇ ବକୀ

ତେବେ ସେ ମରାଳୀ ବୋଲାଇବ କି ?

ପ୍ର: (କ) ହିଙ୍ଗୁଳ କ'ଣ ? ତାହା କି କାମରେ ଆସିପାରିବ ?

ଉ: ହିଙ୍ଗୁଳ ଏକ ରଙ୍ଗ ଯାହା ବ୍ୟବହାର କଲେ ପଦାର୍ଥ କମଳାରଙ୍ଗ ପାଲଟି ଯାଏ । ହଂସର ପାଦର ରଙ୍ଗ ହିଙ୍ଗୁଳ ଲାଗିଥିବା ପରି ଦେଖାଯାଏ ।

ପ୍ର: (ଖ) ହଂସର ପ୍ରିୟ ଖାଦ୍ୟ କ'ଣ ?

ଉ: ହଂସ ଏକ ଶାକାହାରୀ ପକ୍ଷୀ । ସେ ପଦ୍ମନାଡ଼ ଓ ପଦ୍ମ କେଶର ଖାଇବାକୁ ଭଲ ପାଏ । ତେବେ ଏହି ପଦ୍ୟରେ ପଦ୍ମନାଡ଼ କଥା ହିଁ ଆଲୋଚିତ ହୋଇଛି ।

ପ୍ର: (ଗ) ହଂସ ଓ ବଗର ଚାଲିରେ କି ପାର୍ଥକ୍ୟ ଅଛି ?

: ହଂସ ଓ ବଗର ଶାରୀରିକ ଗଠନରେ ବହୁତ ପ୍ରଭେଦ ଅଛି । ହଂସ ବଗଠାରୁ ଉଚ୍ଚ ଓ ପୃଥୁଳ । ସେ ଧୀରେ ଧୀରେ ତା' ଦେହର ପଛଭାଗ ହଲାଇକି ଚାଲେ । ବଗ ପ୍ରାୟ କୁକୁଡ଼ା ପରି ସିଧା ଚାଲେ ।

ପ୍ର: (ଘ) କବି ଏପରି ତୁଳନା କାହିଁକି କରିଛନ୍ତି ?

ଉ:ବଗଠାରୁ ହଂସର ରୂପ ଗୁଣ ଅଲଗା ଓ ସେ ଅଧିକ ଲୋକ ପ୍ରିୟ । ବଗ ଈର୍ଷା ପର ହୋଇ ହଂସ ପରି ହେବାକୁ ଚେଷ୍ଟା କରିଲେ ତାହା ସମ୍ଭବ ହେବ ନାହିଁ , ବରଂ ଲୋକ ହସା ହେବ । କବି ପରାମର୍ଶ ଦେଉଛନ୍ତି ଯେ ପ୍ରକୃତି ଯାହାକୁ ଯେପରି କରିଛି ସେ ସେଥିରେ ସନ୍ତୁଷ୍ଟ ରହିବା ଉଚିତ ।

## Extract-17

ଜଟିଳ କରି ସ୍କନ୍ଧରୋମ ଞ୍ଜି

ଶିଖରୀ ଦରୀରେ ମରୁ ଗରଜି

କୁଟିଳ କରି ଭ୍ରୁକୁଟିକୁ ଚାହୁଁ

ସରମା କଣ୍ଠୀରବ ହେବ କାହୁଁ ।

ପ୍ର: (କ)ଜଗତରେ ଲୋକହସା ହେବା ସାର ହୁଏ କାହିଁକି ?

ଉ:ଏ ଦୁନିଆରେ ଅନେକ ଲୋକ ଅଛନ୍ତି ସେମାନେ ଯାହା ନୁହନ୍ତି, ତାହାଠାରୁ ଅଧିକ ବୋଲି ଦେଖେଇ ହୁଅନ୍ତି । ପ୍ରକୃତରେ ତାଙ୍କର ରୂପଟି ଅନ୍ୟ ଆଗରେ କାର୍ଯ୍ୟବେଳେ ଧରା ପଡ଼ିଯାଏ । ସେହି ସମୟରେ ତା'ର ଏହି ନିନ୍ଦିତ କର୍ମକୁ ଦେଖି ଲୋକମାନେ ଉପହାସ କରନ୍ତି । ତେଣୁ ଲୋକମାନଙ୍କର ସେହି କାର୍ଯ୍ୟକଳାପକୁ ଦେଖି ଏପରି କୁହାଯାଇଛି ।

ପ୍ର: (ଖ)କୁକୁର ସିଂହ ହେବ ନାହିଁ କାହିଁକି ?

ଉ:କୁକୁରର ସ୍ଥାନ ମାଲିକର ଘରେ । ମାତ୍ର ସେ ଯଦି ଘର ଛାଡ଼ି ପର୍ବତ ସୁମ୍ଭାରେ ରହେ ଓ ସିଂହ ଠାଣିରେ ଠିଆ ହୋଇ ଭୁକୁଞ୍ଚନ କରି ଗର୍ଜନ କରେ, ତେବେ ତାକୁ ସିଂହ କୁହାଯିବ ନାହିଁ । କୁକୁର ହିଁ କୁକୁର । ସେ ସିଂହ ହେବ ନାହିଁ । ଏପରି କଲେ ଲୋକହସା ସାର ହେବ ।

ପ୍ର: (ଗ)ଗ୍ରାମଶୂକରୀ ଗାଈ ହେବ ନାହିଁ କାହିଁକି ?

ଉ:ଗ୍ରାମଶୂକରୀ ପଙ୍କରେ ଲୋଟେ । ବିଷ୍ଠା ଭକ୍ଷଣ କରେ । ମାତ୍ର ସେ ଯଦି ଦେହରେ ଗଙ୍ଗାର ଧୂଳି ବୋଳି ହୁଏ, ବିଷ୍ଠା ଭକ୍ଷଣ ବର୍ଷେ କାଳ ନକରେ ଗାଈକ୍ଷୀର ପାନ କରେ; ତେବେ ବି ଶୁକରୀ ଗାଈ ହୋଇପାରିବ ନାହିଁ । କାରଣ ଗାଈ ଓ ଗ୍ରାମଶୂକରୀ ସମ୍ପୂର୍ଣ୍ଣ ଭିନ୍ନ ଭିନ୍ନ । ଏହା କଲେ ଲୋକହସା ହେବ ।

ପ୍ର: ଘ)ସିଂହ ଓ କୁକୁରର କାର୍ଯ୍ୟ କିପରି ଭିନ୍ନ ?

ଉ:ସିଂହ ବଣରେ ରହେ । କୁକୁର ଘରେ ରହେ । ସିଂହ ବେକ ଉପରେ ଘଞ୍ଚ ଲୋମ ଦେକାଯାଏ । ମାତ୍ର କୁକୁର ପାଖରେ ତାହା ନଥାଏ । ସିଂହ ବଣରେ ବୁଲି ଶିକାର କରେ । ମାତ୍ର କୁକୁର ମାଲିକର କାର୍ଯ୍ୟ କରେ ଓ ତା'ର ହାତଟେକା କାଦ୍ୟ ଗ୍ରହଣ କରେ । ତେଣୁ ଦିଂହ ପରି ହେବା ପାଇଁ ଯଦି କୁକୁର ଚେଷ୍ଟା କରେ, ତେବେ ଲୋକହସା ହିଁ ସାର ହେବ ।

## Exract-18

ଦେହରେ ବାଜିଲେ ପର ନିଃଶ୍ୱାସ

ସମ୍ଭାଳିବାକୁ ନ ଥାଇ ବିଶ୍ୱାସ,

ନିର୍ଲଜ ଅଭିମାନେ ଢେ଼ରି ଛାତି

ହାତୀ ଲଢ଼ାଇ କି ବାନ୍ଧିଲେ କାତି !

ପ୍ର: (କ)ଜଣେ ଦୁର୍ବଳ ଲୋକର ବର୍ଣ୍ଣନା କିପରି ହୋଇଛି ?

ଉ:ଦୁର୍ବଳ ସ୍ୱାସ୍ଥ୍ୟର ଲୋକ ନିଜର ସୀମା ଓ ଯୋଗ୍ୟତା ବୁଝି ପାରିବା ଉଚିତ । ଜଣେ ଲୋକ, ଯେ ଅନ୍ୟର ନିଃଶ୍ୱାସ ପବନ ଟିକିଏ ମଧ୍ୟ ସହି ପାରୁ ନାହିଁ ସେ ଯଦି ଜଣେ ଖୁବ୍ ବଳିଷ୍ଠ ଲୋକ ସହିତ ପ୍ରତିଦ୍ୱନ୍ଦିତା କରିବାକୁ ବାହାରେ ତାହାର ଅବସ୍ଥା ନିଶ୍ଚୟ ଶୋଚନୀୟ ହେବ ।

ପ୍ର: (ଖ) ହାତୀର ଉଲ୍ଲେଖ କାହିଁକି ହୋଇଛି ?

ଉ:ହାତୀ ଗୋଟିଏ ସୁସ୍ଥ ଏବଂ ବଳବାନ ଜୀବ । ତା ସହିତ ଲଢ଼େଇ କରିବାକୁ କୌଣସି ଜୀବ ଏପରିକି ମନୁଷ୍ୟ ସାହସ କରନ୍ତି ନାହିଁ । ତେଣୁ କରି ଏକ ବଳିଷ୍ଠ ଜୀବର ଦୃଷ୍ଟାନ୍ତ ଦେବା ପାଇଁ କବି ଏଠାରେ ହାତୀର ଉଲ୍ଲେଖ କରିଛନ୍ତି ।

ପ୍ର: (ଗ) କବି କେଉଁ ଚିନ୍ତାକୁ ନିର୍ଲଜ ଅଭିମାନ କହିଛନ୍ତି ?

ଉ:ଦୁର୍ବଳ ଯଦି ସବଳ ବ୍ୟକ୍ତି ସହିତ ପ୍ରତିଯୋଗିତା କରିବାକୁ ମାଡ଼ି ଆସେ ତାର ଅବସ୍ଥା ଗୁରୁତର ହେବ । ଏପରି ଚିନ୍ତା ସର୍ବଦା ବର୍ଜନୀୟ । ତେଣୁ କବି ଶାରୀରିକ ଦୁର୍ବଳ ଲୋକକୁ ସାବଧାନ କରି ଏପରି କହିଛନ୍ତି ।

ପ୍ର: (ଘ) ଏ କବିତାର ପୃଷ୍ଠଭୂମି ଲେଖ ।

ଉ:ଗଞ୍ଜାମ ଜିଲ୍ଲାର ଜଳନ୍ତର ରାଜ୍ୟର ରାଜା ରାମଚନ୍ଦ୍ର ଛୋଟରାୟ କବି ବଳଦେବ ରଥଙ୍କ କବି ପ୍ରତିଭାରେ ପ୍ରସନ୍ନ ହୋଇ ତାଙ୍କୁ କବିସୁର୍ଯ୍ୟ ଉପାଧି ଦେଇଥିଲେ । ଅନ୍ୟ କବିମାନେ ଏଥିରେ ଇର୍ଷାଳୁ ହୋଇ ବଳଦେବଙ୍କୁ ଅପମାନିତ କରିବାକୁ ଚେଷ୍ଟା କରୁଥଲେ । ଏପରି କବିମାନଙ୍କ ସ୍ୱଭାବକୁ ବଳଦେବ ନିଜ କଲକ ସୁନରେ ହିଁ ଉତ୍ତର ଦେଇ ରଚନା କରିଥିଲେ 'ଗଗତେ କେବଳ' । ପ୍ରକୃତି ଯାହାକୁ ଯେମିତି କରିଛି ସେଥିରେ ସେ ସନ୍ତୁଷ୍ଟ ହୋଇ ନିଜର ଉନ୍ନତି କରିବାକୁ ଚେଷ୍ଟା କରିବା ଉଚିତ । ଇର୍ଷା କରି ନକଲ କଲେ ଲୋକହସା ହେବ ।

# ଗରିବର ଦୁର୍ଗାସ୍ତବ

## Extract-19

କିଭଳି ଭାବିବି ତୁମେ ହୋଇନାହଁ

ମନ୍ତ୍ରୀ ସର୍ଗପୁରେ

ଖାଇବାକୁ ଯେଣୁ ମନା କଲା ନାହିଁ

ଯିଏ ଦେଲା ଯେତେବେଳେ

ପ୍ର: (କ)କବି ଦୁର୍ଗାଙ୍କୁ ସର୍ଗପୁରର ମନ୍ତ୍ରୀ ବୋଲି କାହିଁକି କହିଛନ୍ତି ?

ଉ:ମନ୍ତ୍ରୀମାନଙ୍କର ସ୍ଥାନ ଆମ ସମାଜରେ ସବୁଠୁ ଉଚ୍ଚରେ । ସେମାନଙ୍କୁ ନାନା ପ୍ରକାର ସୁସ୍ୱାଦୁ ଖାଦ୍ୟପଦାର୍ଥ ଅର୍ପଣ କରାଯାଏ । ସେମାନେ ତାହାକୁ ଗ୍ରହଣ ମଧ୍ୟ କରିଥାନ୍ତି । ଦୁର୍ଗାପୂଜାରେ

ସେହିପରି ଦିନରାତି ପୂଜା ହୁଏ । ମାଆଙ୍କୁ ନାନା ପ୍ରକାର ଭୋଗ ଦିଆଯାଏ । ସେହି ସବୁକୁ ସେ ମଧ୍ୟ ଗ୍ରହଣ କରନ୍ତି । ତେଣୁ କବି ଦୁର୍ଗାଙ୍କୁ ମନ୍ତ୍ରୀ ବୋଲି କହିଛନ୍ତି ।

ପ୍ର: (ଖ)ଖାଇବାକୁ ହେଲା ଦଶଥର – ଏକଥା କାହିଁକି କୁହାଯାଇଛି ?

ଉ: ସହରରେ ଧନୀଲୋକେ ପୂଜା ମଣ୍ଡପରେ ଭିଡ଼ ଲଗାନ୍ତି । ସେମାନେ ପୂଜାବେଳେ ମାଆଙ୍କୁ ନାନାପ୍ରକାରର ସୁସ୍ୱାଦୁ ଦ୍ରବ୍ୟ ଭୋଗ ଆକାରରେ ଦିନର ବିଭିନ୍ନ ସମୟରେ ଅର୍ପଣ କରନ୍ତି । ମାଆ ଦୁର୍ଗା ମଧ୍ୟ ତାହା ଗ୍ରହଣ କରୁଥିବାରୁ କବି ଏହିପରି କହିଛନ୍ତି ।

ପ୍ର: (ଗ)ମାଆଙ୍କର ଆଗମନକୁ ମନ୍ତ୍ରୀଙ୍କର ଗସ୍ତ କୁହାଯିବାର କାରଣ କ'ଣ ?

ଉ:ମାଆ ତିନିଦିନ ପାଇଁ ମର୍ତ୍ତ୍ୟକୁ ଆସନ୍ତି ଓ ଚତୁର୍ଥ ଦିନ ବିଦାୟ ନିଅନ୍ତି । ମନ୍ତ୍ରୀମାନେ ସେହିପରି ଅଳ୍ପ ସମୟ ପାଇଁ ଆସି ଚାଲିଯାଆନ୍ତି । ଗାଆଁକୁ ନଯାଇ ସହରରେ ବୁଲି ଫେରିଯାଆନ୍ତି । ସେହିପରି ମାଆ ଦୁର୍ଗା ମଫସଲକୁ ନଯାଇ ଏହି ସହରରେ ଥିବାରୁ ତାଙ୍କର ଆଗମନକୁ ମନ୍ତ୍ରୀଙ୍କର ଗସ୍ତ କୁହାଯାଇଛି ।

ପ୍ର: (ଘ)ନିଆଁଖୁଣ୍ଟାରେ କବି ଦୁର୍ଗାଙ୍କୁ କିପରି ହଇରାଣ କରିବେ ?

ଉ:ନିଆଁଖୁଣ୍ଟା କବିଙ୍କ ସମ୍ପାଦିତ ଏକ ସମାଲୋଚନାମୂଳକ ପତ୍ରିକା । ଏଥିରେ ଓଡିଶାର ପ୍ରତିଟି ଅଞ୍ଚଳର ବାସ୍ତବଚିତ୍ର ପ୍ରକାଶ ପାଏ । ବଡ଼ବଡ଼ିଆଙ୍କର ଭଲମନ୍ଦ, ସମାଜରେ ଘଟୁଥିବା ଅନ୍ୟାୟ, ଅନୀତି, ଦୁର୍ନୀତିର ଚିତ୍ର ପ୍ରକାଶ ପାଏ । ମାଆ ଦୁର୍ଗା ମନ୍ତ୍ରୀଙ୍କ ପରି ମଫସଲକୁ ନଆସି ସହରରେ ବୁଲିଗଲେ । ତାହାପୁଣି ମାତ୍ର ତିନିଦିନ ପାଇଁ । ଏମିତି ଯଦି ସେ ଆଉ କେବେ ଆସିବେ ତେବେ ତାଙ୍କ ନାମରେ କବି ନିଜର ପତ୍ରିକା ନିଆଁଖୁଣ୍ଟାରେ ପ୍ରକାଶ କରି ତାଙ୍କୁ ହଇରାଣ କରିବାକୁ ଧମକ ଦେଇଛନ୍ତି ।

## Extract-20

ଦେଖିଥିବ ମାଆ, ନଗ୍ର ବିହାରେ

ମନ୍ଦିର କେତେ ବୁଲି

ଆଗପରି ଆଉ ତୁମ ସେବା ଲାଗି

ନାହିଁ କାହିଁ ଛେଦ ବଳି

ପ୍ର: (କ)ମାଆ ଦୁର୍ଗା ମଫସଲକୁ ଗଲେ ନାହିଁ କାହିଁକି ?

ଉ:ମଫସଲରେ ଗରି. ଖଟିଖିଆମାନେ ରହନ୍ତି । ସେମାନେ ଭଲକରି ମୁଠେ ଖାଇବାକୁ ପାଆନ୍ତି ନାହିଁ । ଦିନେ ଖାଇ ତିନିଦିନ ଉପବାସ ରହନ୍ତି । ମନ୍ତ୍ରୀମାନେ ତ ମଫସଲକୁ ଯାଆନ୍ତି ନାହିଁ । କାରଣ ସେଠାରେ ଭଲ ଭାବେ ଆଦର ଅଭ୍ୟର୍ଥନା ମିଳିବ ନାହିଁ । ସହରରେ ଧନୀମାନେ ରହନ୍ତି । ସେମାନେ ଭଲ ଭୋଗ ଦେବେ । ତେଣୁ ମାଆ ଦୁର୍ଗା ମଫସଲକୁ ଗଲେ ନାହିଁ ।

ପ୍ର: (ଖ)ବିହାର ଗଲାବେଳେ ମାଆ କେଉଁ ଦୃଶ୍ୟ ଦେଖିଥିବେ ?

ଉ:ମାଆ ଦୁର୍ଗା ନଗରରେ ବୁଲିଲାବେଳେ କେତେ ମନ୍ଦିର ବୁଲି ଦେଖିବେ । ଏବେ ସେଠାରେ ଆଗପରି ଆନ୍ତରିକତାର ସହିତ ପୂଜା ହେଉନାହିଁ । ଆଗେ ଯେଉଁ ଛେଳିମାନଙ୍କୁ ବଳି ଦିଆଯାଉଥିଲା, ତାହା ଆଉ ଏବେ ହେଉନାହିଁ କାରଣ ସେଦିନର ଛେଳିମାନେ ଆଜି ଚୋର, ବଜାରିଆ, ଲାଞ୍ଚୁଆ, ଖଟୁଆ ହୋଇଯାଇଛନ୍ତି । ବଳିର ପରିମାଣ କମିଯାଇଛି । ଏହି ସବୁ ଦୃଶ୍ୟ ମାଆ ଦେଖିବେ ।

ପ୍ର: (ଗ)ମାଆଙ୍କର ଟି.ଏ. ବିଲ୍ ବିଷୟରେ କବି କ'ଣ କହିଛନ୍ତି ?

ଉ:ବଡ଼ ବଡ଼ ଅଫିସର, ମନ୍ତ୍ରୀ ଗସ୍ତରେ ଗଲେ ଗସ୍ତଖର୍ଚ୍ଚ ନିଅନ୍ତି । ମନ୍ତ୍ରୀମାନେ ଅଧିକ ଗସ୍ତଖର୍ଚ୍ଚ ନିଅନ୍ତି । ମାଆ ଦୁର୍ଗାଙ୍କର ଯେଉଁ ପୂଜା ଚାଲିଛି, ତାହା ଅତି ଆଡ଼ମ୍ବରରେ ହେଉଛି । ସେ ସହରରେ ବୁଲୁଛନ୍ତି । ଆଦର ଯତ୍ନ ପାଉଛନ୍ତି । ତେଣୁ ତାଙ୍କର ଏହି ଗସ୍ତକୁ କବି ଟି.ଏ ବିଲ୍ କଥା କହିଛନ୍ତି । ମାଆ ଅଧିକ ଟି.ଏ. ବିଲ୍ ନେଇଥିବେ ବୋଲି କବି ଭାବୁଛନ୍ତି ।

ପ୍ର: (ଘ):ମାଆଙ୍କୁ ପୂଜା କରିଥିବା ଲୋକଙ୍କ ବିଷୟରେ କବି କ'ଣ କହିଛନ୍ତି ?

ଉ: ମନ୍ତ୍ରୀମାନେ ସହରକୁ ଆସିଲେ ବାଟରେ ଲୋକମାନଙ୍କଠାରୁ ଲୋକଦେଖାଣିଆ ଅଭିବାଦନ ଗ୍ରହଣ କରନ୍ତି । ସେହିଲୋକେ ଅନ୍ୟର ତଣ୍ଟିଚିପି ମନ୍ତ୍ରୀଙ୍କୁ ଅଭ୍ୟର୍ଥନା କରନ୍ତି । ସେହିପରି ଦୁର୍ଗାଙ୍କୁ ସହରରେ ଯେଉଁ ପୂଜା କରାଯାଏ, ତାହା ଲୋକ ଦେଖାଣିଆ ପୂଜା । ସେମାନେ ଶସ୍ତାଭେଟି ଦିଅନ୍ତି । ସେମାନେ ପ୍ରକୃତରେ ମଣିଷ ନୁହନ୍ତି । ମଣିଷ ରୂପରେ ଥିବା ଜଣେ ଜଣେ ଦାନବ ।

## Extract-21

ନଗରେ ଜନନୀ ! ତୁମକୁ ପୂଜିଲେ

ଯେ ଦେଇ ଅର୍ଘ୍ୟଫୁଲ

ଜାଣି ପାରିଲନି ସେଗୁଡ଼ାକ ଖାଲି

ମଣିଷ ମରାର କଳ !

ପ୍ର: (କ)ସହରରେ ଦୁର୍ଗାପୂଜା କିପରି ହୁଏ ?

ଉ: ସହରର ପୂଜା ଲୋକ ଦେଖାଣିଆ ଓ ଆଡ଼ମ୍ବର ପୂର୍ଣ୍ଣ । ସେଠାରେ ଭକ୍ତି ଅପେକ୍ଷା ଚାକଚକ୍ୟ ବେଶୀ । ଏସବୁ ଖର୍ଚ୍ଚ ନିମିତ୍ତ ମଫସଲରୁ ଲୋକଙ୍କଠାରୁ ଟଙ୍କା ଆଦାୟ ହୁଏ । ସେହି

ଗରିବ ଖଟି ଖିଆଙ୍କର ଟଙ୍କାରେ ଧନୀମାନେ ସହରରେ ଦେବୀଦୁର୍ଗାଙ୍କର ପୂଜା ଆଡ଼ମ୍ବରରେ କରନ୍ତି । ମେଢ଼, ତୋରଣ ସାଜସଜ୍ଜାରେ ଝଲସାଇ ଦିଅନ୍ତି ।

ପ୍ର: (ଖ)'ମଣିଷମରାର କଳ' ଏହା କହିବାର ଅର୍ଥ କ'ଣ ?

ଉ:ଏହାର ପ୍ରକୃତ ଅର୍ଥ ହେଲା ଗରିବମାନଙ୍କୁ ଶୋଷଣ କରିବା । ଗାଁ ଗହଳରେ ଥିବା ଖଟିଖିଆଙ୍କଠାରୁ ଅନ୍ୟାୟରେ ଧନ ଅର୍ଜନ କରି ସହରର ବଡ଼ବାବୁ ମାନେ ଧନୀ ହୋଲାନ୍ତି । ଫଳରେ ଗାଁର ନିରୀହ ଲୋକେ ମୃତ୍ୟୁର ଶିକାର ହୁଅନ୍ତି । ତେଣୁ ପୂଜାଫୁଲ ବଦଳରେ ଧନୀମାନେ ଗରିବଙ୍କୁ ଶୋଷଣ କରୁଛନ୍ତି ବୋଲି କହିଛନ୍ତି ।

ପ୍ର: (ଗ)କବିଙ୍କ ବର୍ଣ୍ଣନାରେ ପ୍ରକୃତ ପୂଜା କିପରି ଚାଲିଛି ?

ଉ:ଗାଁରେ ଦୁର୍ଗାପୂଜା ସ୍ୱପ୍ନ । କାରଣ ସେଠି ତ ଦୁଇଓଳି ଖାଇବାକୁ ମିଳେ ନାହିଁ । ଆଉ ଆଡ଼ମ୍ବରରେ ପୂଜା ହେବ କିପରି ? ଗାଁ ଲୋକେ ଶୋଷଣର ଶିକାର ହୁଅନ୍ତି । ସେହିମାନଙ୍କର ରକ୍ତକୁ ଚିପୁଡ଼ି ସହରର ଧନୀମାନେ ମାଆ ଦୁର୍ଗାଙ୍କୁ ପୂଜା କରନ୍ତି । ସେମାନେ ମାଆଙ୍କର ଦେହରେ ଯେଉଁ ସିନ୍ଦୂର ବୋଳନ୍ତି, ତାହା ସେହି ଖଟିଖିବା ମଫସଲବାସୀଙ୍କର ତାଜାରକ୍ତ । ତେଣୁ ଦରିଦ୍ରକୁ ଶୋଷଣ କରି ହେଉଥିବା  ଏହି ରପୂଜାକୁ କବି ପସନ୍ଦ କରିନାହାନ୍ତି ।

ପ୍ର: (ଘ) ମାଆଙ୍କର ଆଗାମୀ ଗସ୍ତ ନିମିତ୍ତ କବି କେଉଁ ମେମୋରାଣ୍ଡମ୍ ପ୍ରସ୍ତୁତ କରିଛନ୍ତି ?

ଉ:କବି କ୍ଷୋଭର ସହିତ କହିଛନ୍ତି, ମାଆ ସହରରେ ତିନିଦିନ ଗସ୍ତ କରି ଚାଲିଗଲେ । ଅଥଚ ଗାଁକୁ ଆସିଲେ ନାହିଁ । ଆସନ୍ତାବର୍ଷ ଏମିତି ଗସ୍ତରେ ଆସିଲେ ଯଦି ମଫସଲକୁ ନଆସନ୍ତି, ତେବେ ତାଙ୍କ ନାଁରେ ନିଆଁଖୁଣ୍ଟାରେ ପ୍ରକାଶ କରି ତାଙ୍କୁ ହଇରାଣ କରିବେ । ଏଥର ତ ଚାଲିଗଲେ, ସେଥିପାଇଁ କବିଙ୍କର ଶୋଚନା ନାହିଁ । ମାତ୍ର ଆଗାମୀ ଗସ୍ତ ବେଳେ ନିଶ୍ଚୟ ମାଆ ଦୁର୍ଗା ଆସିବେ । ଏହି ମେମୋରାଣ୍ଡମ କବି ପ୍ରସ୍ତୁତ କରିଛନ୍ତି ।

## Extract-22

ତୁମେ ତ ଖାଇଲ ଭୋଗରାଗ ବୁଲି

ଥାନେ-ଥାନେ ନାନାମତେ

କିଏ ସେ ପୂଜିଲା ଖଜା ପିଠା ଦେଇ

କିଏ ବା ଖେଚଡ଼ି ଭାତେ ।

ପ୍ର: (କ) କବି ମାଆ ଦୁର୍ଗାଙ୍କୁ କାହା ସହିତ ତୁଳନା କରିଛନ୍ତି ?

ଉ:ଉକ୍ତ ପଦ୍ୟରେ କବି ମାଆ ଦୁର୍ଗାଙ୍କୁ ମନ୍ତ୍ରୀଙ୍କ ସହିତ ତୁଳନା କରିଛନ୍ତି । ମନ୍ତ୍ରୀଙ୍କୁ ଯେପରି ଫୁଲମାଳ ଦେଇ ସମ୍ବର୍ଦ୍ଧନା କରାଯାଏ, ମାଆଙ୍କୁ ସେହିପରି ସହରରେ ସମ୍ବର୍ଦ୍ଧନା କରାଯାଉଛି । ଏହି ବାହ୍ୟ ଆଡ଼ମ୍ବରକୁ କବି ଆଦୌ ପସନ୍ଦ କରିନାହାନ୍ତି ।

ପ୍ର: (ଖ) ମାଆ କିପରି ପୂଜା ଅର୍ଚ୍ଚନା ଗ୍ରହଣ କରୁଛନ୍ତି ?

ଉ:ଧରାବାସୀ ବିଭିନ୍ନ ଉପାୟରେ ମାଆଙ୍କୁ ପୂଜା କରୁଛନ୍ତି । କିଏ ଭୋଗରାଗ କରୁଛି ତ ଆଉ କିଏ ଖଜା ପିଠା, ଖେଚିଡ଼ି ଭାତ ଦେଉଛି । ଦିନକୁ ବାରବାର ଖାଇବାକୁ ଦେଉଛନ୍ତି । ଭକ୍ତି ଅପେକ୍ଷା ବାହ୍ୟ ଆଡ଼ମ୍ବରରେ ଲୋକେ ମାଆ ଦୁର୍ଗାଙ୍କୁ ପୂଜା କରୁଛନ୍ତି । ମାଆ ମଧ୍ୟ ସେହି ଆଡ଼ମ୍ବରପୂର୍ଣ୍ଣ ପୂଜା ଅର୍ଚ୍ଚନା ଗ୍ରହଣ କରୁଛନ୍ତି ।

ପ୍ର: (ଗ) ନୂତନ ହାୱାଗାଡ଼ି କାହିଁକି କୁହାଯାଇଛି ?

ଉ: ନୂତନ ହାୱାଗାଡ଼ି କହିଲେ ନୂଆ ଉଡ଼ାଜାହାଜକୁ ବୁଝାଏ । ମନ୍ତ୍ରୀମାନେ ଗସ୍ତରେ ଗଲେ ଏମିତି ନୂଆ ଉଡ଼ାଜାହାଜରେ ବସି ଆକାଶମାର୍ଗରୁ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ଦେଖନ୍ତି । ମାଆ ମଧ୍ୟ ମର୍ତ୍ତ୍ୟକୁ ଆସିଛନ୍ତି ଆଡ଼ମ୍ବରପୂର୍ଣ୍ଣ ସାଜସଜ୍ଜାରେ । ଆଡ଼ମ୍ବରରେ ପୂଜା ପାଇ ପୁଣି ତିନିଦିନ

ପରେ ଫେରିଯାଆନ୍ତି । ମଫସଲକୁ ଯାଆନ୍ତି ନାହିଁ । ସହରରେ ରହି ପୂଜା ପାଆନ୍ତି । ତେଣୁ ସତେ ଯେପରି ମାଆ ନୂଆ ଉଡ଼ାଜାହାଜରେ ବସି ମର୍ତ୍ତ୍ୟ ଭ୍ରମଣ କରି ଫେରିଯାଉଛନ୍ତି ।

ପ୍ର: (ଘ)ଜଗତଜନନୀ ନାଆଁ ଦୁର୍ଗାଙ୍କ ପାଇଁ କାହିଁକି ଠିକ୍ ନୁହେଁ ବୋଲି କବି କହିଛନ୍ତି ?

ଉ: ଯିଏ ଜଗତର ଜନନୀ ସେ ସମସ୍ତଙ୍କର ଦୁଃଖ ବୁଝନ୍ତି । ମାତ୍ର ମାଆ ଦୁର୍ଗା କେବଳ ସହରର ଆଡ଼ମ୍ବରପୂର୍ଣ୍ଣ ପୂଜାରେ  ସନ୍ତୋଷ ପ୍ରକାଶ କରୁଛନ୍ତି । ସହର ଛାଡ଼ି ମଫସଲ ଆଡ଼କୁ ଯାଉ ନାହାନ୍ତି । ତାଙ୍କର ଦର୍ଶନ ନିମିତ୍ତ ଧନୀମାନେ ଠେଲାପେଲା ଲଗାଉଛନ୍ତି  । ମାଆ ମନ୍ତ୍ରୀପରି ସହର ଭ୍ରମଣ କରୁଛନ୍ତି । ମାତ୍ର ମଫସଲକୁ ଯାଉନାହାନ୍ତି । ତେଣୁ ତାଙ୍କ ନାମ କିଏ 'ଜଗତଜନନ' ଦେଲା ବୋଲି କବି ବିସ୍ମୟଭାବ ପ୍ରକାଶ କରିଛନ୍ତି ।